୬ ଆରମ୍ଭ ହେଲା ଅଣ୍ଡର ୧୯ ବିଶ୍ୱକପ୍-୨୦୨୪



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
29 YEARS
ସମ୍ବାଦ କଳିକା
The Sambad Kalika
TM
E-mail : sambadkalikanews@gmail.com
e-paper www.sambadkalika.in
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
• ବର୍ଷ–୩୦ • ସଂଖ୍ୟା–୩୫୧ • ୨୦ ଜାନୁଆରୀ ୨୦୨୪, ଶନିବାର • ଭୁବନେଶ୍ୱର • Vol -30 • Issue-351 • 20th January 2024, Saturday • Bhubaneswar
Licensed to post without pre-payment of postage No- BN-60/22-24

## ମୁଖ୍ୟମନ୍ତ୍ରୀଙ୍କ ମନକଥା ବଖାଣିଲେ ପାଣ୍ଡିଆନ

# ରାଜନୈତିକ କ୍ୟାରିୟର ନୁହେଁ, କାଳିଆ କାମ ଆଗ

**ଭୁବନେଶ୍ୱର,୧୯।୧**

**ନ୍ୟୁଜ୍‌ବ୍ୟୁରୋ**

ନିଆଁରେ ଖେଳିବା ଭଳି ଥିଲା ଶ୍ରୀମନ୍ଦିର ରୂପାନ୍ତରଣ ଚ୍ୟାଲେଞ୍ଜ। ଶ୍ରୀମନ୍ଦିର ସହ ରାଜ୍ୟବାସୀଙ୍କ ଭାବାବେଗ ଏତେ ଗଭୀର ଭାବେ ଜଡ଼ିତ ଯେ, ସାମାନ୍ୟତମ ଭୁଲ୍ ପାଇଁ ରାଜନୈତିକ କ୍ୟାରିୟରରେ ପୂର୍ଣ୍ଣଚ୍ଛେଦ ପଡ଼ିବା ସହ ସରକାର ବି ବଦଳିଯିବାର ଆଶଙ୍କା ରହିଥିଲା। ରୂପାନ୍ତରଣ ପ୍ରକଳ୍ପ ପାଇଁ ରୂପରେଖ ପ୍ରସ୍ତୁତ ସମୟରେ କିଛି ପ୍ରଭାବଶାଳୀ ବ୍ୟକ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଏଭଳି ସତର୍କତାମୂଳକ ପରାମର୍ଶ ଦେଇଥିଲେ ବୋଲି କହିଛନ୍ତି କାର୍ତ୍ତିକ ପାଣ୍ଡିଆନ।

କିନ୍ତୁ ରାଜନୈତିକ କ୍ୟାରିୟର ନୁହେଁ କାଳିଆଙ୍କ କାମକୁ ପ୍ରାଥମିକତା ଦେଇଥିଲେ ମୁଖ୍ୟମନ୍ତ୍ରୀ। ନିଜ ରାଜନୈତିକ ଭବିଷ୍ୟତକୁ ଭ୍ରୂକ୍ଷେପ ନକରି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପକୁ ହାତକୁ ନେଇଥିଲେ। ଶୁକ୍ରବାର ଭୁବନେଶ୍ୱରରେ ଆୟୋଜିତ ସହରାଞ୍ଚଳ ରୂପାନ୍ତରଣ ସମ୍ପର୍କିତ ଅନ୍ତର୍ଜାତୀୟ ସମ୍ମିଳନୀରେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପଛରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଅକୁହା କାହାଣୀକୁ ବଖାଣିଥିଲେ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ।

ପରିକ୍ରମା ପ୍ରକଳ୍ପକୁ ନେଇ ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାବାସୀ ମୋତେ ୫ ଥର ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିଛନ୍ତି। ଲୋକମାନେ ମୋତେ ବିଶ୍ୱାସ ଓ ଭରସା



କରିବା ସହ ଅକୁଣ୍ଠ ଭଲପାଇବା ଦେଇଛନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ଓଡ଼ିଶାବାସୀଙ୍କର ରହିଛି ଅକୁଣ୍ଠ ଭଲପାଇବା ଓ ବିଶ୍ୱାସ। ମୁଁ ଯଦି ଶ୍ରୀକ୍ଷେତ୍ରର ବିକାଶ ନକରିବି ଇତିହାସ ମୋତେ କ୍ଷମା ଦେବନି।

ସରକାର ପ୍ରତି ଯେତେ ବିପଦ ଆସିଲେ ମଧ୍ୟ ଏହାକୁ ସାମ୍ନା କରି ମହାପ୍ରଭୁଙ୍କ କାମ କରିବି ବୋଲି କହିବା ସହ ପରିକ୍ରମା ପ୍ରକଳ୍ପକୁ ଆଗେଇ ନେଇଥିଲେ ମୁଖ୍ୟମନ୍ତ୍ରୀ। ଶ୍ରୀ ପାଣ୍ଡିଆନ କହିଥିଲେ ଯେ, ଶ୍ରୀମନ୍ଦିର ରୂପାନ୍ତରଣ ଓ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ପାଇଁ ପୂର୍ବରୁ ମଧ ଚିନ୍ତା କରାଯାଇଥିଲା। ବହୁ ବଡ଼ ବଡ଼ ରାଜା ଓ ବ୍ରିଟିଶ ଅମଳର ଜିଲ୍ଲାପାଳ-ମାନେ ବି ଉଦ୍ୟମ କରିଥିଲେ। ଏପରିକି ପୂର୍ବତନ ମୁଖ୍ୟମନ୍ତ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ବିଜୁ ପଟ୍ଟନାୟକ ମଧ୍ୟ ଚିନ୍ତା କରିଥିଲେ ।

କିନ୍ତୁ ଶ୍ରୀମନ୍ଦିର ରୂପାନ୍ତରଣ କାମ ଯିଏ ବି ଆରମ୍ଭ କରିଥିଲେ ସେମାନେ ୧୫ ଦିନରୁ ମାସେ ମଧ୍ୟରେ ଓହରିଯାଇଥିଲେ। କିନ୍ତୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଟଳ ନିଷ୍ପତ୍ତି ଓ ମହାପ୍ରଭୁଙ୍କ ପ୍ରତି ଥିବା ଭକ୍ତିଭାବ ଯୋଗୁଁ ଆଜି ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ବାସ୍ତବ ରୂପ ନେଇଛି। ଏହି ରୂପାନ୍ତରଣକୁ ଗଜପତି ମହାରାଜ ମଧ୍ୟ ପ୍ରଶଂସା କରିଛନ୍ତି। ୭୦୦ ବର୍ଷରେ ପ୍ରଥମ ଥର ପାଇଁ ଶ୍ରୀମନ୍ଦିରରେ ଆସିଛି ରୂପାନ୍ତରଣ ।

### ସୋଲାପୁରରେ 'ଅମୃତ ୨.୦' ଯୋଜନାର ଉଦ୍‌ଘାଟନ କଲେ ମୋଦି

## ୧୫ ହଜାର ଶ୍ରମିକଙ୍କୁ ଦେଲେ ଘର ଚାବି



**ନୂଆଦିଲ୍ଲୀ,୧୯।୧**

ମହାରାଷ୍ଟ୍ରର ସୋଲାପୁରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର 'ଅମୃତ ୨.୦' ଯୋଜନାକୁ ଉଦ୍‌ଘାଟନ କରିଛନ୍ତି। ଏହାସହ ପ୍ରଧାନମନ୍ତ୍ରୀ ୮ଟି ଅମୃତ ଯୋଜନାର ଶିଳାନ୍ୟାସ ବି ପକାଇଛନ୍ତି। ଏହି ଯୋଜନା ଉଦ୍‌ଘାଟନ କରିବା ସହ ମୋଦି ୧୫ ହଜାର ଶ୍ରମିକଙ୍କୁ ଘର ଚାବି *(ପୃଷ୍ଠା ୭ରେ)*

## ଫେବୃୟାରୀ ୫ରୁ ବିଧାନସଭା ଅଧିବେଶନ ଆଗତ ହେବ କାମଚଳା ବଜେଟ୍



**ଭୁବନେଶ୍ୱର,୧୯।୧**

**ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଫେବୃୟାରୀ ୫ରୁ ଆରମ୍ଭ ହେବ ବିଧାନସଭା ଅଧିବେଶନ। ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ ବିଧାନସଭା। ବିଧାନସଭା ଅଧିବେଶନ ନେଇ ରାଜ୍ୟପାଳଙ୍କ ଅନୁମୋଦନ ମିଳିଛି। ଏହି ଅଧିବେଶନରେ ସମୁଦାୟ ୭ଟି କାର୍ଯ୍ୟଦିବସ ରହିଛି। ୫ ତାରିଖ ପୂର୍ବାହ୍ନ ୧୧ଟାରେ ରାଜ୍ୟପାଳ ଅଭିଭାଷଣ ରଖିବେ । ୬ ଓ ୭ ତାରିଖରେ ରାଜ୍ୟପାଳଙ୍କ ଅଭିଭାଷଣ ଉପରେ ଗୃହରେ ଧନ୍ୟବାଦ ପ୍ରସ୍ତାବ *(ପୃଷ୍ଠା ୭ରେ)*

## ଆଗାମୀ ୩ ଦିନ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନକୁହୁଡ଼ି

**ଭୁବନେଶ୍ୱର,୧୯।୧**

**ନ୍ୟୁଜ୍‌ବ୍ୟୁରୋ**

ଆଗାମୀ ୩ ଦିନ ଧରି ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘନକୁହୁଡ଼ି ଦୃଶ୍ୟମାନ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ପାଣିପାଗ ବିଭାଗର ପକ୍ଷରୁ ଏହି ସୂଚନା ମିଳିବା ପରେ ସ୍ୱତନ୍ତ୍ର ରିଲିଫ କମିଶନର (ଏସ୍‌ଆରସି) କୁହୁଡ଼ି ପାଇଁ ସତର୍କ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales: 7873770000

## ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ନିର୍ଦ୍ଦେଶ : ଆଣ୍ଟିବାୟୋଟିକ୍ସକୁ ପ୍ରୋତ୍ସାହନ ଦିଅନ୍ତୁନି

**ନୂଆଦିଲ୍ଲୀ,୧୯।୧**

ଦେଶରେ ଆଣ୍ଟିବାୟୋଟିକ୍ସ ଔଷଧର ବ୍ୟବହାର ବୃଦ୍ଧି ପାଇବାରେ ଲାଗିଛି। ଏହା ମନୁଷ୍ୟ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏହାକୁ ଦୃଷ୍ଟିରେ ରଖି ଆଣ୍ଟିବାୟୋଟିକ୍ସ ବ୍ୟବହାରକୁ ପ୍ରୋତ୍ସାହନ ନ ଦେବା ପାଇଁ କେନ୍ଦ୍ର ସରକାର ଡାକ୍ତରମାନଙ୍କୁ କହିଛନ୍ତି। ଯଦି ରୋଗୀଙ୍କୁ ଏହା ଦିଆଯାଉଛି ତେବେ ତାହାର କାରଣ ଦର୍ଶାଇବାକୁ କୁହାଯାଇଛି। ଏହି ନିୟମକୁ



ବାଧ୍ୟତାମୂଳକ କରାଯାଇଛି। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅଧିନରେ କାର୍ଯ୍ୟ କରୁଥିବା ସ୍ୱାସ୍ଥ୍ୟସେବା ମହାନିର୍ଦ୍ଦେଶାଳୟ (ଡିଜିଏଚ୍‌ଏସ୍) ପକ୍ଷରୁ ଏ ନେଇ ଭାରତର ସମସ୍ତ ଫାର୍ମାସିଷ୍ଟ ଆସୋସିଏସନକୁ ଚିଠି ଲେଖାଯାଇଛି। ଏଥିରେ ଡାକ୍ତରଙ୍କ ପ୍ରେସ୍କ୍ରିପ୍ସନ ବିନା ଆଣ୍ଟିବାୟୋଟିକ୍ସ ନ ଦେବାକୁ ଫାର୍ମାସିଷ୍ଟଙ୍କୁ ନିବେଦନ କରାଯାଇଛି। ଏହି ଆଦେଶକୁ କଠୋର ଭାବେ କାର୍ଯ୍ୟକାରୀ କରିବାକୁ କୁହାଯାଇଛି। ଆଣ୍ଟିବାୟୋଟିକ୍ସର ଅପ-ବ୍ୟବହାର ଏବଂ ମାତ୍ରାଧିକ ବ୍ୟବହାରକୁ ବନ୍ଦ କରିବା ପାଇଁ ଏହି ପଦକ୍ଷେପ *(ପୃଷ୍ଠା ୭ରେ)*

## ରେକର୍ଡ ସ୍ତରରେ ଭାରତର ବିଦେଶୀ ମୁଦ୍ରା ଭଣ୍ଡାର

**ନୂଆଦିଲ୍ଲୀ,୧୯।୧**

ଦେଶର ବୈଦେଶିକ ମୁଦ୍ରା ଭଣ୍ଡାରରେ ପୁଣି ବୃଦ୍ଧି ଦେଖିବାକୁ ମିଳିଛି। ରିଜର୍ଭ ବ୍ୟାଙ୍କ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୪ ଜାନୁଆରୀ ୧୨ରେ ଶେଷ ହୋଇଥିବା ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାର ୧.୬୩ ବିଲିୟନ ଡଲାର ବୃଦ୍ଧି ପାଇ ୬୧୮.୯୩ ବିଲିୟନ ଡଲାରରେ ପହଞ୍ଚିଛି। ପ୍ରଥମ ସପ୍ତାହରେ ବିଦେଶୀ ମୁଦ୍ରା ଭଣ୍ଡାରରେ ବଡ଼



ଧରଣର ହ୍ରାସ ଘଟିଥିଲା ଏବଂ ଏହା ୬ ବିଲିୟନ ଡଲାର ହ୍ରାସ ପାଇ ୬୧୭.୩୦ ବିଲିୟନ ଡଲାରରେ ପହଞ୍ଚିଛି।

ବ୍ୟାଙ୍କିଂ କ୍ଷେତ୍ରର ନିୟନ୍ତ୍ରକ ଭାରତୀୟ ରିଜର୍ଭ ବ୍ୟାଙ୍କ ଶୁକ୍ରବାର, ଜାନୁଆରୀ ୧୯, ୨୦୨୪ରେ ବୈଦେଶିକ ମୁଦ୍ରା ଭଣ୍ଡାର ର ତଥ୍ୟ ଜାରି କରିଛି। ଆରବିଆଇର ଏହି ତଥ୍ୟ ଅନୁଯାୟୀ ଜାନୁଆରୀ ୧୨ରେ ଶେଷ ହୋଇଥିବା ସପ୍ତାହରେ ବୈଦେଶିକ ମୁଦ୍ରା ଭଣ୍ଡାର ପ୍ରାୟ ୧.୬୩ ବିଲିୟନ ଡଲାର ବୃଦ୍ଧି ପାଇ ୬୧୮.୯୩ ବିଲିୟନ ଡଲାରରେ ପହଞ୍ଚିଛି। ଏହି ସମୟ *(ପୃଷ୍ଠା ୭ରେ)*

## ୯ ବର୍ଷ ମଧ୍ୟରେ ଦେଶର ୨୫ କୋଟି ଗରିବ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି : କେନ୍ଦ୍ରମନ୍ତ୍ରୀ



**ଭୁବନେଶ୍ୱର,୧୯।୧**

**ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ର ବନ୍ଦର, ଜାହାଜ ଚଳାଚଳ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ ଶୁକ୍ରବାର କେନ୍ଦ୍ରାପଡ଼ା ଜିଲ୍ଲା ଆଳି ବ୍ଲକ୍ ବାଟିପଡ଼ା ଓ ସିଙ୍ଗିରି ପଞ୍ଚାୟତ ଠାରେ ଆୟୋଜିତ ବିକଶିତ ଭାରତ ସଂକଳ୍ପ ଯାତ୍ରାରେ ଯୋଗ ଦେଇଥିଲେ। ବାଟିପଡ଼ା ଠାରେ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶ୍ରୀ ସୋନୱାଲ କହିଛନ୍ତି, ମୋଦି ସରକାରଙ୍କ ଗ୍ୟାରେଣ୍ଟି ଗାଡ଼ି ଆଜି ଦେଶର ପ୍ରତ୍ୟେକ ପଞ୍ଚାୟତରେ ପହଞ୍ଚିଛି । ଏହି ଯାତ୍ରାର ଉଦ୍ଦେଶ୍ୟ କ'ଣ ତାହା ସମସ୍ତ ଜନସାଧାରଣ ବୁଝିବା ଉଚିତ। ବିଗତ ସାଢ଼େ ୯ ବର୍ଷ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ପ୍ରତ୍ୟେକ ନାଗରିକଙ୍କ କଲ୍ୟାଣ ଓ ସଶକ୍ତିକରଣ ପାଇଁ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ପ୍ରଣୟନ କରିଛନ୍ତି। ସରକାରୀ *(ପୃଷ୍ଠା ୭ରେ)*

## ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ଅଯୋଧ୍ୟାକୁ ଓଡ଼ିଶାରୁ ଗଡ଼ିପାରେ ୧୦ ସ୍ୱତନ୍ତ୍ର 'ଆସ୍ଥା' ଟ୍ରେନ୍

**ନୂଆଦିଲ୍ଲୀ,୧୯।୧**

ଜାନୁଆରୀ ୨୨ରେ ଅଯୋଧ୍ୟାରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହେବ। ଏହାପରେ ଅଯୋଧ୍ୟାକୁ ସାରା ଦେଶରୁ ଭକ୍ତଙ୍କ ସୁଅ ଛୁଟିବ। ଦେଶର କୋଣ-ଅନୁକୋଣରୁ ଶ୍ରଦ୍ଧାଳୁ ଅଯୋଧ୍ୟାରେ ପହଞ୍ଚିବେ। ଏହାକୁ ଦୃଷ୍ଟିରେ ରଖି ଭାରତୀୟ ରେଳବାଇ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ଭାରତୀୟ ରେଳବାଇ ଅଯୋଧ୍ୟାକୁ 'ଆସ୍ଥା' ସ୍ପେଶାଲ ଟ୍ରେନ୍ ଚଳାଚଳ ଆରମ୍ଭ କରାଇବ। ଏସବୁ ଟ୍ରେନ୍ ଦେଶର ୬୬ଟି ସ୍ଥାନରୁ ସିଧାସଳଖ ରେଳପଥରେ ଅଯୋଧ୍ୟା ସହ ଯୋଡ଼ିହେବ। ତେବେ ଓଡ଼ିଶାରୁ ମଧ୍ୟ ଅଯୋଧ୍ୟାକୁ 'ଆସ୍ଥା' ସ୍ପେଶାଲ ଟ୍ରେନ୍ ଚଳାଇବାକୁ *(ପୃଷ୍ଠା ୭ରେ)*

## ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି



### ଖୁବ୍ ଶୀଘ୍ର ଖୋଲିବ ଚାରି ଦ୍ୱାର

**ଭୁବନେଶ୍ୱର,୧୯।୧**

**ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ପ୍ରତିଦିନ ଶ୍ରୀମନ୍ଦିରକୁ ଆସୁଥିବା ଅଗଣିତ ଶ୍ରଦ୍ଧାଳୁ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥା ନିମନ୍ତେ ଖୁବ୍‌ଶୀଘ୍ର ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲି ଦିଆଯିବା ପାଇଁ ବିଚାର କରାଯାଉଛି। ଶ୍ରୀମନ୍ଦିର ପରିଚାଳନା କମିଟି, ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଏଦିଗରେ ପଦକ୍ଷେପ ନିଆଯିବ ବୋଲି ଗଜପତି ମହାରାଜା ଦିବ୍ୟସିଂହ ଦେବ ସୂଚନା ଦେଇଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ କେବଳ ଟଏଲେଟ୍ ବା ପାଇଖାନା ହୋଇନାହିଁ ବରଂ କ୍ଲକ୍ ରୁମ୍, ପାଭିଲିୟନ୍, ବାହାରୁ ଆସୁଥିବା ଯାତ୍ରୀ-ଶ୍ରଦ୍ଧାଳୁ ଓ ଭକ୍ତଗଣଙ୍କ ପାଇଁ *(ପୃଷ୍ଠା ୭ରେ)*

DSPL-563
TRANSPARENCY TECHNOLOGY TEAMWORK TIME TRANSFORMATION
ଓଡ଼ିଶା ସରକାର
ଆମ ଓଡ଼ିଶା ନବୀନ ଓଡ଼ିଶା



ଅମ୍ଳାନ
(ଆନିମିଆ ମୁକ୍ତ ଲକ୍ଷ୍ୟ ଅଭିଯାନ)
ସୁସ୍ଥ ଓଡ଼ିଶା, ସୁଖି ଓଡ଼ିଶା







▶ 'ଅମ୍ଳାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ନିମ୍ନ ଲିଖିତ ବୟସ ବର୍ଗର ଉପଭୋକ୍ତା ମାନଙ୍କର ରକ୍ତହୀନତାର ପରୀକ୍ଷା, ଚିକିତ୍ସା ଓ ପରାମର୍ଶ ସେବା ମାଗଣାରେ ଉପଲବ୍ଧ।
- ୬-୫୯ ମାସର ପିଲାମାନଙ୍କର ଅଙ୍ଗନୱାଡି କେନ୍ଦ୍ରରେ
- ୫-୯ ବର୍ଷର ପିଲାଙ୍କର ସରକାରୀ ପ୍ରାଥମିକ ବିଦ୍ୟାଳୟରେ
- ୧୦-୧୯ ବର୍ଷର ପିଲାଙ୍କର ସରକାରୀ ଉଚ୍ଚ ବିଦ୍ୟାଳୟରେ
- ପ୍ରଜନନକ୍ଷମ ମହିଳା (୨୦-୨୪ ବର୍ଷ), ଗର୍ଭବତୀ ମହିଳା ଓ ପ୍ରସୂତୀ ମହିଳାଙ୍କର ମମତା ଦିବସରେ (ଗ୍ରାମ ଓ ସହରାଞ୍ଚଳ ଉଭୟ)

▶ ରକ୍ତହୀନତା ଯୋଗୁଁ ଶାରିରୀକ, ମାନସିକ ଓ ବୌଦ୍ଧିକ ବିକାଶରେ ବାଧା, ଥକ୍କାପଣ, ରୋଗ ପ୍ରତିରୋଧକ ଶକ୍ତି ହ୍ରାସ ଓ ଗର୍ଭ ସମୟରେ ବିଭିନ୍ନ ପ୍ରକାର ଜଟିଳତା ଦେଖା ଦେଇଥାଏ।

ସମସ୍ତ ଉପଭୋକ୍ତାଙ୍କୁ ଅନୁରୋଧ ସେମାନେ ରକ୍ତହୀନତାର ସ୍ଥିତି ଜାଣିବା ପାଇଁ ରକ୍ତ ପରୀକ୍ଷା କରି ନିଜର ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା
facebook.com/HFWOdisha
http://www.health.odisha.gov.in/
@HFWOdisha
OIPR : 10003/13/0158/2324

29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୦ ଜାନୁଆରୀ ୨୦୨୪ ଶନିବାର





# ଦେବଗଡ଼ ନବୋଦୟ ବିଦ୍ୟାଳୟରେ ୭.୬୦ କୋଟି ଟଙ୍କାର ବିକାଶ କାର୍ଯ୍ୟ ଶୁଭାରମ୍ଭ

**ଦେବଗଡ଼, ନ୍ୟୁଜ୍ ବ୍ୟୁରୋ**

ଶିକ୍ଷା ଜ୍ଞାନ ଆହରଣର ଅବସର ଦିଏ । ଦକ୍ଷତା ବିକାଶ ଦକ୍ଷତା ଓ ସାମର୍ଥ୍ୟକୁ ବଢ଼ାଇଥାଏ । ଶିକ୍ଷା ବ୍ୟବସ୍ଥାରେ ଡିଗ୍ରୀ ଓ ଦକ୍ଷତା ବିକାଶ ଉଭୟ ମହତ୍ତ୍ୱପୂର୍ଣ୍ଣ ବୋଲି ଶନିବାର ଦେବଗଡ଼ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ୭.୬୦ କୋଟି ଟଙ୍କା ମୂଲ୍ୟର ବିକାଶମୂଳକ କାର୍ଯ୍ୟ ସମେତ ଫୁଟବଲ ଫର୍ ସ୍କୁଲର ଶୁଭାରମ୍ଭ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନବୋଦୟ ବିଦ୍ୟାଳୟ ଦେଶର ଶିକ୍ଷା କ୍ଷେତ୍ରରେ ଅଗ୍ରଣୀ ସଂସ୍ଥା । ରାଷ୍ଟ୍ରୀୟ ଶିକ୍ଷା ନୀତି ଉଦ୍ଦେଶ୍ୟରେ ଅନ୍ତର୍ଗତ ସାମାଜିକ ଓ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରିବା ଦିଗରେ ଏହି ବିଦ୍ୟାଳୟ ଏକ ପ୍ରୟାସ । ନିକଟରେ ଜବାହର ନବୋଦୟ ବିଦ୍ୟାଳୟ, ଦେବଗଡକୁ ପିଏମ୍ ଶ୍ରୀ ସ୍କୁଲ ଭାବରେ ବିକଶିତ କରାଯାଇଛି । ସ୍କୁଲରେ ପ୍ରାୟ ୪ କୋଟି ୫୦ ଲକ୍ଷ ଟଙ୍କା ବ୍ୟୟରେ ଶିଳାନ୍ୟାସ ହୋଇଥିବା ୭୫୦ ସିଟ୍ କ୍ଷମତା ବିଶିଷ୍ଟ ବହୁମୁଖୀ ସଭାଗୃହ ଛାତ୍ରଛାତ୍ରୀମାନଙ୍କୁ ଦେଶ ଦୁନିଆ ସହ ଯୋଡିବ । ସେହିପରି ନବୋଦୟ ବିଦ୍ୟାଳୟରେ ଛାତ୍ରୀଙ୍କ ସଂଖ୍ୟା ବଢୁଥିବା ଦୃଷ୍ଟିରୁ ପ୍ରାୟ ୩ କୋଟି ଟଙ୍କା ବ୍ୟୟରେ



ନିର୍ମିତ ଅତିରିକ୍ତ ଛାତ୍ରୀନିବାସର ଉଦ୍‌ଘାଟନ ହୋଇଛି । ଏହି ହଷ୍ଟେଲ ଦ୍ୱାରା ଛାତ୍ରୀମାନେ ଉପକୃତ ହେବେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୂରଦୃଷ୍ଟିପୂର୍ଣ୍ଣ ଜାତୀୟ ଶିକ୍ଷା ନୀତିରେ ଛାତ୍ରଛାତ୍ରୀଙ୍କୁ ସ୍କିଲିଂ, ରି-ସ୍କିଲିଂ ଏବଂ ଅପ୍-ସ୍କିଲିଂ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ଏହି ମର୍ମରେ ବିଦ୍ୟାଳୟରେ ପିଲାଙ୍କ ଦକ୍ଷତା ବିକାଶ ବୃଦ୍ଧି ପାଇଁ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସ୍କିଲ୍ ଲ୍ୟାବ୍ ଉଦ୍‌ଘାଟିତ ହୋଇଛି । ଲୋକାର୍ପିତ ସ୍କିଲ୍ ଲ୍ୟାବ୍ ଛାତ୍ରଛାତ୍ରୀଙ୍କ ଦକ୍ଷତା ବୃଦ୍ଧି କରିବ । ଏହି ଅବସରରେ ଶ୍ରୀ ପ୍ରଧାନ ବିଦ୍ୟାଳୟରେ ଆୟୋଜିତ ପ୍ରଦର୍ଶନୀ ବୁଲିବା ସହ ଛାତ୍ରଛାତ୍ରୀଙ୍କ ବୁଦ୍ଧିମତା କାର୍ଯ୍ୟକୁ ପ୍ରଶଂସା କରିଥିଲେ ଏବଂ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିଦାତା ହେବା ପାଇଁ ପରାମର୍ଶ ଦେଇଥିଲେ । ସେ କହିଥିଲେ ଏକାଦଶ ଶ୍ରେଣୀରେ ଅଧ୍ୟୟନରତ ଛାତ୍ର ଅଙ୍କିତ୍ ସାମନ୍ତ ଏବଂ ଉଦିତ ପ୍ରଧାନଙ୍କ ଦ୍ୱାରା ପ୍ରସ୍ତୁତ ପେଟ୍ରୋଲରେ ଇଥାନଲ ବ୍ଲେଣ୍ଡିଂ ପ୍ରକଳ୍ପ ଦେଖି କେନ୍ଦ୍ରମନ୍ତ୍ରୀ ମୁଁ ବିଶେଷ ପ୍ରଭାବିତ । ଭାରତ ସରକାର ପେଟ୍ରୋଲରେ ଇଥାନଲ ମିଶ୍ରଣ କାର୍ଯ୍ୟକୁ ପ୍ରୋତ୍ସାହିତ କରୁଥିବା ବେଳେ ଏହି ବିଷୟରେ ଉଭୟ ଛାତ୍ରଙ୍କ ମଧ୍ୟରେ ଥିବା ସ୍ୱଷ୍ଟତା ମୋର ଆତ୍ମବିଶ୍ୱାସ ବଢାଇଛି । ଆଗାମୀ ଦିନରେ ବିଜ୍ଞାନ ଓ ଟେକ୍ନୋଲୋଜି ମାଧ୍ୟମରେ ନୂଆ ଅର୍ଥନୀତି ତିଆରି ହେବ । ଏକବିଂଶ ଶତାବ୍ଦୀ ଜ୍ଞାନ ଆଧାରିତ ଅର୍ଥନୀତି ହେବ । ଏହି ସମୟରେ ଛାତ୍ରଛାତ୍ରୀମାନଙ୍କୁ ଆତ୍ମନିର୍ଭର ହେବାକୁ ପଡିବ । ଆତ୍ମନିର୍ଭର ଅର୍ଥ ନିଜ ଗୋଡରେ ଠିଆ ହେବା । ଆତ୍ମନିର୍ଭର ହେବାକୁ ହେଲେ ନିଯୁକ୍ତିଦାତା ହେବାକୁ ପଡିବ । ଚାକିରି ଦେବା ପାଇଁ ହେଲେ ଇନୋଭେସନ ତିଆରି କରିବା ପାଇଁ ପଡିବ । ବଡ ବଡ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଯେଉଁ ପାଠ ପଢାଯାଉଛି, ତାହାର ବୀଜ ରୋପଣ ନବୋଦୟ ବିଦ୍ୟାଳୟରେ ହୋଇସାରିଲାଣି । ଆଗାମୀ ଦିନରେ ଦେବଗଡର ପିଲାମାନେ ଆତ୍ମନିର୍ଭରତାର ବୈଶ୍ୱିକ ମଡେଲ ତିଆରି କରିବେ ଏବଂ ନବଦୋୟର ବିଦ୍ୟାଳୟ ତାହାର ପ୍ରୟୋଗଶାଳା ହେବ । ଶ୍ରୀ ପ୍ରଧାନ କହିଛନ୍ତି ଦେବଗଡ଼ ଜିଲ୍ଲା ଖେଳୁଆଡ ମନୋଭାବ ରଖୁଥିବା ପିଲାମାନଙ୍କର ଅଞ୍ଚଳ । ଏଠାରେ ଫୁଟବଲ ଖେଳ ପ୍ରତି ଛାତ୍ରଛାତ୍ରୀ ମାନଙ୍କର ବେଶ୍ ଆଗ୍ରହ ଓ ଉତ୍ସାହ ଅଛି । ମୋଦି ସରକାରରେ ଖେଲୋ ଇଣ୍ଡିଆ ଓ ଫିଟ୍ ଇଣ୍ଡିଆକୁ ପ୍ରୋତ୍ସାହନ ଦିଆଯାଉଛି । ଦେବଗଡ଼ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଫୁଟବଲ୍ ଫର୍ ସ୍କୁଲ କାର୍ଯ୍ୟକ୍ରମର ଶୁଭାରମ୍ଭ ଛାତ୍ରଛାତ୍ରୀଙ୍କୁ ଫୁଟବଲ ଖେଳ ପ୍ରତି ଅଧିକ ପ୍ରୋତ୍ସାହିତ କରିବ । ଫୁଟବଲ୍ ଫର୍ ସ୍କୁଲ ଅନ୍ତର୍ଗତ ଦେବଗଡ଼ ଜିଲ୍ଲାରେ ମୋଟ ୫୦ଟି ସ୍କୁଲରେ ୨୭୩ଟି ଫୁଟବଲ ବିତରଣ କରାଯିବ । ଉଲ୍ଲେଖନୀୟ ଯେ, ଦେବଗଡ଼ ପିଏମ୍ ଶ୍ରୀ ସ୍କୁଲ ଜବାହର ନବୋଦୟ ବିଦ୍ୟାଳୟରେ ଦଶମ ଶ୍ରେଣୀରେ ଅଧ୍ୟୟନରତ ମୋନାଲିସା ମଲ୍ଲିକ ଓ ବିଦୁସ୍ମିତା ଧରୁଆ କେନ୍ଦ୍ରମନ୍ତ୍ରୀଙ୍କୁ ଏକ କଳାକୃତି ପ୍ରଦାନ କରିଥିଲେ, ଯାହାକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ ।

# ଅନ୍ତର୍ଜାତୀୟସ୍ତରରେ ପହଞ୍ଚୁଛି ମାଣ୍ଡିଆ : ଏବେ ହେଲାଣି ବିଦେଶୀ ସମ୍ଭ୍ରାନ୍ତଙ୍କ ପ୍ରିୟ



**ସୁନାବେଡା, ନ୍ୟୁଜ ବ୍ୟୁରୋ**

ମାଣ୍ଡିଆ ଏମିତି ଏକ ଶସ୍ୟ ଆଦିବାସୀ ଜନଜାତିଙ୍କୁ ଛାଡିଦେଲେ ବାକି ଅନେକ ଲୋକଙ୍କ କାନକୁ ଏହି ଶବ୍ଦଟି ଖରାପ ଶୁଭୁ ଥିଲା । ଲୋକଙ୍କ ମନରେ ଧାରଣା ଥିଲା ଏହା ଆଦିବାସୀମାନଙ୍କ ଖାଦ୍ୟ । କିନ୍ତୁ ବର୍ତ୍ତମାନ ସମୟରେ ଏହି ମାଣ୍ଡିଆ ଆଦିବାସୀଙ୍କ ପାଖରୁ ଯାଇ ବିଦେଶୀ ସମ୍ଭ୍ରାନ୍ତଙ୍କ ପ୍ରିୟ ହୋଇ ପାରିଛି । ମାଣ୍ଡିଆ ସାଧାରଣତଃ ଦକ୍ଷିଣ ମାଳଭୂମି କୋରାପୁଟ ଜିଲା ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ । ଜିଲାର ୧୪ ବ୍ଲକ୍‌ରେ ଏହି ମାଣ୍ଡିଆ ଚାଷ କରାଯାଉଥିବା ବେଳେ ଲକ୍ଷ୍ମୀପୁର ଓ କୁନ୍ଦୁରା ବ୍ଲକ୍‌ରେ ଏହା ଅଧିକ ପରିମାଣରେ ଚାଷ କରାଯାଏ । ଏହି ମାଣ୍ଡିଆରେ ଅଧିକ ପରିମାଣରେ ପୃଷ୍ଟିସାର, ଖଣିଜ ଲବଣ, ସ୍ନେହସାର କାର୍ବୋହାଇଡ୍ରେଡ୍ ଓ ଫାଇବର ଭରି ରହିଥାଏ । ମୋଟ ୩୩ କିସମର ଦେଶୀ ମାଣ୍ଡିଆ ଚାଷ ହେଉଥିଲେ ବି ଭାଲୁ, ଲଡୁ, ତେଲୁଗୁ ଓ ବଡ ମଣ୍ଡିଆର ବେଶ୍ ଚାହିଦା ରହିଛି । କାରଣ ଏହି କିସମର ବିହନରେ ହାଇବ୍ରିଡ୍ ମାଣ୍ଡିଆ ଅପେକ୍ଷା ଅଧିକ ଅମଳ ହୁଏ । ତେଣୁ ଏଠାକାର ଲୋକେ ଏହିସବୁ କିସମର ମାଣ୍ଡିଆ ଚାଷ କରନ୍ତି । ମାଣ୍ଡିଆର ଗୁଣସୁତ୍ରରେ ବିଭିନ୍ନ ପ୍ରକାରର ଜୀନ୍ ରହିଥିବା ପରୀକ୍ଷାରୁ ଜଣାପଡିଛି ବୋଲି କୁହାଯାଉଛି । ବର୍ତ୍ତମାନ ଯେଉଁ ଭଳି ଭାବେ ଜଳବାୟୁ ପରିବର୍ତ୍ତନ ଘଟୁଛି ଏହି ପ୍ରକାର ମାଣ୍ଡିଆ ମରୁଡି ପ୍ରତିକୂଳ ପରିବେଶରେ ଚାଷ କରିବା ସହିତ ଆଦିବାସୀଙ୍କର ଖାଦ୍ୟ ସୁରକ୍ଷା ଯୋଗାଇବା ଦକ୍ଷତା ରହିଛି ବୋଲି ଏକ ଆକଳନରୁ ଜଣାପଡିଛି । ଗୁଣାତ୍ମକ ମାଣ୍ଡିଆର ବିଭିନ୍ନ ଗୁଣସୂତ୍ର ବା ଜୀନ୍‌କୁ ନେଇ ନୂତନ ମାଣ୍ଡିଆ ଚାଷ କରାଯାଇ ପାରିବ ବୋଲି କୁହାଯାଉଛି । ନିକଟରେ କୋରାପୁଟର ମାଣ୍ଡିଆର ଉନ୍ନତ ଗୁଣବତ୍ତାକୁ ଲକ୍ଷ୍ୟକରି ସରକାରଙ୍କର ମିଲେଟ ମିଶନ ସହାୟତାରେ କୋରାପୁଟର ୪ଟି ଦେଶୀ ମାଣ୍ଡିଆର ଭୂପ୍ରଜାତି ବାଟି, ଭାରତୀ, କାଳିଆ ଓ ମାମି ମାଣ୍ଡିଆ ବାହାର କରିଛନ୍ତି । ଯାହାକି ଆଗାମୀ ଦିନରେ ଅଧିକ ପ୍ରଚାର ପ୍ରସାର ଓ ଚାଷ କରାଯିବ । ପ୍ରତିକୂଳ ଜଳବାୟୁରେ ମଧ୍ୟ ଏହାର ଚାଷ ହୋଇ ପାରୁଥିବା ଯୋଗୁ ଏହା ବେଶ୍ ଲାଭଦାୟକ । ଓଡିଶା ତଥା ଭାରତ ସରକାର ୨୦୨୩ ବର୍ଷକୁ ମିଲେଟ୍ ମିଶନ୍ ଭାବେ ପାଳନ କରି ମାଣ୍ଡିଆକୁ ସାମିଲ୍ କରିବା ପରେ ଏହାର ଚାହିଦା ଅନ୍ତର୍ଜାତୀୟ ସ୍ତରରେ ସୃଷ୍ଟି ହୋଇଛି । ଏଥିରୁ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାମାନେ ବିଭିନ୍ନ ପ୍ରକାରର ପିଠାପଣା ସାଙ୍ଗକୁ ଲଡୁ,ମୁଢି ଓ କେକ୍ ତିଆରି କରି ମାଣ୍ଡିଆକୁ ବିଶ୍ୱସ୍ତରରେ ପ୍ରସିଦ୍ଧି କରାଇବାରେ ସହାୟକ ହୋଇଛନ୍ତି । ନିକଟରେ ମିଲେଟ ଓ ଶ୍ରୀ ଅନ୍ନର ଗୁରୁତ୍ୱ ବର୍ଣ୍ଣନା କରି ପ୍ରଧାନମନ୍ତ୍ରୀ କହିଥିଲେ । ଏହା ଜୀବନଶୈଳୀ ସମ୍ବନ୍ଧିତ ରୋଗକୁ ରୋକିବାରେ ଏହା ସହାୟକ ହେବ । ଓଡିଶାର ମିଲେଟକୁ ଅନ୍ତର୍ଜାତୀୟ ସ୍ତରରେ ଅଧିକ ଆକର୍ଷଣୀୟ କରିବା ପାଇଁ ସରକାରଙ୍କପକ୍ଷରୁ ଭୁବନେଶ୍ୱରରେ ଗତ ନଭେମ୍ବରରେ ଏକ ଅନ୍ତର୍ଜାତୀୟ ମିଲେଟ୍ ସମ୍ମିଳନୀ କରାଯାଇଥିଲା । ଯେଉଁଥିରେ କୋରାପୁଟର ପାରମ୍ପରିକ ମିଲେଟ୍‌ର ବିଶେଷତ୍ୱ ତଥା ସଂରକ୍ଷଣ ଉପରେ ବିଶେଷ ଆଲୋଚନା ହୋଇଥିଲା । ଏହି ମାଣ୍ଡିଆକୁ ସରକାରଙ୍କ ମିଲେଟ ମିଶନ ମାଧ୍ୟମରେ ପ୍ରଚାର,ପ୍ରସାର ଓ ସଂରକ୍ଷଣ କରାଗଲେ ଏହା ଖାଦ୍ୟ ଓ ଅପପୁଷ୍ଟିରେ ସୁରକ୍ଷା ଦେବା ସହିତ ଆଦିବାସୀ ଜନଜାତିଙ୍କ ଆର୍ଥିକ ବିକାଶ ଦିଗରେ ବେଶ୍ ସହାୟକ ହୋଇପାରିବ । କୋରାପୁଟର କଫି କଳାଜୀରା ଚାଉଳ ଭଳି ମାଣ୍ଡିଆର ପ୍ରଚାର ପ୍ରସାର ଓ ବଜାରୀକରଣ କରାଗଲେ ଏହା କୋରାପୁଟ ଜିଲା ପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା ସହିତ ଆଦିବାସୀମାନଙ୍କର ଜୀବନ ଜୀବିକାକୁ ସମୃଦ୍ଧ କରିବ ବୋଲି ଓଡିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ କୋରାପୁଟର ସହକାରୀ ପ୍ରଫେସର ଦେବବ୍ରତ ପଣ୍ଡା ବିଶେଷଜ୍ଞ ମତ ରଖିଛନ୍ତି । ଅପରପକ୍ଷରେ ସରକାରୀ ସହାୟତା ମିଳିଲେ ଆହୁରି ଅଧିକ ଚାଷ କରିବା ସହ ଯୁବ ପିଢ଼ି ମଧ୍ୟ ଏହି ଚାଷ ପ୍ରତି ଆକୃଷ୍ଟ ହେବେ ବୋଲି କେତେକ ମାଣ୍ଡିଆ ଚାଷୀ କହିଛନ୍ତି ।

# ଭୀମପଡ଼ା ହତ୍ୟାକାଣ୍ଡ: ମହଙ୍ଗା ପଡ଼ିଲା ଦୁଇ ଆଡୁ ପ୍ରେମ

**ନିରାକାରପୁର, ନ୍ୟୁଜ ବ୍ୟୁରୋ**

'ମୁଁ ତାକୁ କେବେ ମାରିବାକୁ ଚାହୁଁନଥିଲି । ଥରକୁ ଥର ବୁଝାଇବାକୁ ଚେଷ୍ଟା କରୁଥିଲି ଯେ, ଆମେ ପରସ୍ପରକୁ ଭଲ ପାଉଛେ । ଶାରୀରିକ ସମ୍ପର୍କରେ ଅଛେ । ତେଣୁ, ଅନ୍ୟ ଝିଅ ପ୍ରେମରେ ନ ପଡ଼ି ଚାଲ୍ ଆମେ ବାହାଘର ହୋଇଯିବା । କିନ୍ତୁ, ସେ ବୁଝିଲାନି । ମୋ ସହିତ ଶାରୀରିକ ଉପଭୋଗ କରି ଅନ୍ୟ ଝିଅ ପଛରେ ପଡ଼ିଲା । ଏହି ଘଟଣାକୁ ନେଇ ଆମ ଭିତରେ ବଚସା ହୋଇଥିଲା । ଏତିକି କଥାରେ ରାଗିଯାଇ ଏକ ଲୁହାରେ ତା'ର ମୁଣ୍ଡକୁ ପିଟି ଦେଇଥିଲି । କିନ୍ତୁ, ଆଘାତରେ ଏମିତି ସେ ମରିଯିବ ବୋଲି କେବେ ବି ଭାବି ନ ଥିଲି ।' ଜଙ୍କିଆ ଥାନା ସିକୋ ଫାଣ୍ଡି ଶଗଡ଼ଭଙ୍ଗା ପଞ୍ଚାୟତ ଭୀମପଡ଼ାରେ ଦୁଇ ଦିନ ଘଟିଥିବା ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ ସୋମନାଥ ଲାଥ୍(୨୪) ଗଣମାଧ୍ୟମ ଆଗରେ ହତ୍ୟାକାଣ୍ଡର ଏମିତି କାରଣ ବଖାଣିଛି । ବାହାଘର ପାଇଁ ଅବୁଝା ହେବାରୁ ଏମିତିକାଣ୍ଡ ଘଟିଥିବା ପୁଲିସ ନିକଟରେ ଅଭିଯୁକ୍ତ ସୋମନାଥ ସ୍ୱୀକାର କରିଛି । ଇଏ ପ୍ରେମ ସମ୍ପର୍କ କୌଣସି ପୁଅ-ଝିଅର ନୁହେଁ । ଏହା ଥିଲା ଭୀମପଡ଼ା ଗାଁର ଯୁବକ ରଶ୍ମିରଞ୍ଜନ ଏବଂ ପୁରୀ ଜିଲ୍ଲା ଚନ୍ଦନପୁର ଥାନା କୁଲାଇପଦା ଗାଁର କିନ୍ନର ସୋମନାଥଙ୍କ ମଧ୍ୟରେ ସମ୍ପର୍କ । ପୁଲିସ ତଦନ୍ତ ମୁତାବକ, ରଶ୍ମିରଞ୍ଜନ ଥିଲେ ଜଣେ ଡ୍ରାମା କଳାକାର । ଗାଁ ଗଣ୍ଡାରେ ଚାଲିଥିବା ବିଭିନ୍ନ ପୌରାଣିକ ନାଟକରେ ସେ ଅଭିନୟ କରୁଥିଲେ । ଦଶମ ପଢ଼ି ସାରିଲା ପରେ କିନ୍ନର ସୋମନାଥ ବି ଡ୍ରାମା ସହିତ ଯୋଡି ହୋଇଥିଲା । ୨୦୧୭ ମସିହାରେ ରଶ୍ମିରଞ୍ଜନ କଂସ ଅଭିନୟ କରୁଥିବା ବେଳେ ସୋମନାଥ ଯଶୋଦା ଅଭିନୟ କରି ପରସ୍ପର ପ୍ରଥମ ଥର ଏକାଠି ହୋଇଥିଲେ । ସେବେଠାରୁ ଉଭୟଙ୍କ ମଧ୍ୟରେ ସମ୍ପର୍କ ଗଢ଼ି ଉଠିଥିଲା । ସମ୍ପର୍କର ନିବିଡ଼ତା ଶାରୀରିକ ସମ୍ପର୍କ ପର୍ଯ୍ୟନ୍ତ ଯାଇଥିଲା । ଅଭିଯୁକ୍ତ ସୋମନାଥ ସମୟେ ସମୟେ ରଶ୍ମିରଞ୍ଜନଙ୍କ ଘରକୁ ଆସୁଥିଲେ । ସେଠି ରହୁ ମଧ୍ୟ ଥିଲେ । ଦୀର୍ଘ ସାତବର୍ଷର ସମ୍ପର୍କ ମଜବୁତ ହେଲା ବେଳକୁ ଉଭୟ ରଶ୍ମିରଞ୍ଜନ ଏବଂ ସୋମନାଥଙ୍କ ସମ୍ପର୍କ ଭିତରକୁ ତେଲେଙ୍ଗାପଡ଼ାର ଆଉ ଜଣେ ଯୁବତୀ କଳାକାର ଧସେଇ ପଶିଥିଲେ । ସୋମନାଥଙ୍କୁ ଛାଡ଼ି ରଶ୍ମିରଞ୍ଜନ ଯୁବତୀ କଳାକାରଙ୍କ ଆଡ଼କୁ ମୁହାଁଇଥିଲେ । ଯାହା ସୋମନାଥଙ୍କ ପାଇଁ ଭାରି ଅସହ୍ୟ ହୋଇଥିଲା । ଏନେଇ ସୋମନାଥ ବହୁବାର ରଶ୍ମିରଞ୍ଜନଙ୍କୁ ବୁଝାଇଥିଲେ । ଝିଅ ସହିତ ସମ୍ପର୍କ ତୁଟାଇ ଦେବାକୁ ନିବେଦନ ବି କରିଥିଲେ । କିନ୍ତୁ, ରଶ୍ମିରଞ୍ଜନ କିଛି ଶୁଣିଲେ ନାହିଁ । ତେଣୁ, ସୋମନାଥ ନିଜର ସମ୍ପର୍କ ବିଷୟରେ ସମ୍ପୃକ୍ତ ଯୁବତୀ ଅଭିନେତ୍ରୀଙ୍କୁ ସବୁ କହିଥିଲା । ଯୁବତୀ ଜଣକ ଏନେଇ ରଶ୍ମିରଞ୍ଜନଙ୍କୁ ପଚାରିଥିଲେ । କିନ୍ତୁ, ରଶ୍ମିରଞ୍ଜନ ଏଭଳି ସମ୍ପର୍କକୁ ସଫାସଫା ମନା କରି ଦେଇଥିଲେ । ଏମିତି ପରିସ୍ଥିତିରେ ରଶ୍ମିରଞ୍ଜନ ଏବଂ ଯୁବତୀଙ୍କର ବିବାହ ହେବ ବୋଲି ସୋମନାଥ ଶୁଣିବାକୁ ପାଇଥିଲେ । ସୋମନାଥ ସହିତ ସମ୍ପର୍କ ରଖି ଅନ୍ୟ ଝିଅକୁ ରଶ୍ମିରଞ୍ଜନ ବିବାହ କରିବା ଘଟଣାକୁ ସୋମନାଥ ସ୍ୱୀକାର କରି ପାରିନଥିଲେ । ତେଣୁ, ଗତମାସ ୩୧ତାରିଖ ଅପରାହ୍ଣରେ ରଶ୍ମିରଞ୍ଜନଙ୍କ ଘରକୁ ସୋମନାଥ ବୁଝାସୁଝା କରିବାକୁ ଯାଇଥିଲା । କିନ୍ତୁ, ନୂଆବର୍ଷ ପାଇଁ ରଶ୍ମିରଞ୍ଜନ ରଣପୁର ବ୍ଲକ୍‌କୁ ଡ୍ରାମା କରିବାକୁ ଯାଇଥିଲା । ରଶ୍ମିରଞ୍ଜନଙ୍କ ପଛେ ପଛେ ସୋମନାଥ ସେଠାକୁ ଯାଇଥିଲା । ଏହି ସମୟରେ ରଶ୍ମିରଞ୍ଜନ ଭିଡ଼ିଓକଲରେ ଯୁବତୀଙ୍କ ସହିତ କଥାବାର୍ତ୍ତା ହେଉଥିବା ସେ ଦେଖିଥିଲା । ଯାହାକୁ ନେଇ ଆପତ୍ତି କରିବାରୁ ରଶ୍ମିରଞ୍ଜନଙ୍କୁ ସୋମନାଥ ଚାପୁଡ଼ା ମାରିଥିଲା । ଏହି ଘଟଣା ପରେ ଉଭୟ ପୁଣି ଭୀମପଡ଼ା ଗାଁକୁ ଫେରିଥିଲେ । ସେଠାରେ ମଧ୍ୟ ଉଭୟଙ୍କ ସମ୍ପର୍କକୁ ନେଇ ଜୋରଝଗଡ଼ା ହୋଇଥିଲା । ଏତିକି କଥାରେ ଘରୁ ବାହାରିଯିବା ପାଇଁ ସୋମନାଥକୁ କହିଥିଲେ ରଶ୍ମିରଞ୍ଜନ । ତେଣୁ, ଉତ୍‌କ୍ଷିପ୍ତ ହୋଇ ଏକ ଲୁହାରେ ରଶ୍ମିରଞ୍ଜନଙ୍କ ମୁଣ୍ଡକୁ ସୋମନାଥ ଶକ୍ତ ପ୍ରହାର କରିଥିଲେ ଜଙ୍କିଆ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଅତିରିକ୍ତ ଏସ୍‌ପି ସୁରେନ୍ଦ୍ରନାଥ ମୁର୍ମୁ ପ୍ରକାଶ କରିଛନ୍ତି । ହତ୍ୟା କରି ଅଭିଯୁକ୍ତ ଲୁହା ଖଣ୍ଡକୁ ଘର ପଛପଟେ ଲୁଚାଇ ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ରାମେଶ୍ୱର ଛକରେ ବାଇକ୍ ରଖି ଅଟୋରେ ଯାଜପୁର ପଳାଇଥିଲା । ଏସ୍‌ଡିପିଓ ଦିଲ୍ଲୀପ ଦାଶଙ୍କ ନେତୃତ୍ୱରେ ଗଠିତ ଗଠିତ ତିନୋଟି ଟିମ୍ ଛାନ୍‌ଭିନ୍ କରି ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି ବୋଲି ପୁଲିସ ପ୍ରକାଶ କରିଛି । ଆଜିର ସାମ୍ବାଦିକ ସମ୍ମିଳନୀରେ ଜଙ୍କିଆ ଥାନା ଅଧିକାରୀ ପ୍ରଜ୍ଞାରତ୍ନମ୍ବରା କର, ସିକୋ ଫାଣ୍ଡି ଅଧିକାରୀ ବ୍ରହ୍ମାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ ।

# ମନକରପୁର ପ୍ରାଥମିକ ବିଦ୍ୟାଳୟରେ ଅଗ୍ନିକାଣ୍ଡ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ପୌରାଞ୍ଚଳର ୮ନଂ ୱାର୍ଡରେ ଥିବା ମନକରପୁର ପ୍ରାଥମିକ ବିଦ୍ୟାଳୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ରୋଷେଇ ସାମଗ୍ରୀ ଓ କିଛି ଆସବାବ ପତ୍ର ଜଳି ଯାଇଥିଲେ ମଧ୍ୟ ଅନ୍ୟ କୌଣସି ଦୁର୍ଘଟଣା ଘଟି ନଥିବାରୁ ଆଶ୍ୱସ୍ତି ପ୍ରକାଶ ପାଇଛି । ଶନିବାର ସକାଳୁଆ ସ୍କୁଲ ହେତୁ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଚାଲିଥିଲା । ତେବେ କୌଣସି ମତେ ଗ୍ୟାସ ଚୁଲାରୁ ନିଆଁ ବର୍ଣ୍ଣରକୁ ଧରିବା ପରେ ସିଲିଣ୍ଡର ଜଳି ଉଠିଥିଲା । ସ୍କୁଲର ଶିକ୍ଷୟିତ୍ରୀ ମାନେ ପିଲାମାନଙ୍କୁ ତୁରନ୍ତ ସ୍କୁଲରୁ ବାହାର କରି ଦୂରକୁ ପଠାଇବା ସହ ନିଆଁ ଲିଭାଇବା ପାଇଁ ଉଦ୍ୟମ କରିଥିଲେ ମଧ୍ୟ ନିଆଁ ଲିଭିନଥିଲା । ସ୍ଥାନୀୟ ଲୋକେ ଦମକଳ ବାହିନୀକୁ ଖବର ଦେବାପରେ ସେମାନେ ଆସି ନିଆଁକୁ ଆୟତ କରିଥିଲେ । ଏହି ଅଗ୍ନିକାଣ୍ଡରେ ରୋଷେଇ ସାମଗ୍ରୀ ସହ ଆଲ୍ମ କିଛି ଆସବାବ ଜଳିଥିବା ବେଳେ ଅନ୍ୟ କୌଣସି ବଡ ଧରଣର କ୍ଷୟକ୍ଷତି ହୋଇନାହିଁ । ତେବେ ସ୍ଥାନୀୟ କାଉନସିଲର ସ୍ମୃତି ପ୍ରଜ୍ଞା ଶତପଥୀ ଓ ଯୁବନେତା ଜୟନ୍ତ ଶତପଥୀ ଘଟଣା ସ୍ଥଳରେ ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହ ତୁରନ୍ତ ଭରଣା କରାଯିବ ବୋଲି ପ୍ରତିଶୃତି ଦେଇଥିଲେ ।

# ସ୍ୱାମୀ ବିବେକାନନ୍ଦ ଓ କବି ବ୍ରଜନାଥ ରଥଙ୍କ ଜୟନ୍ତୀ ପାଳିତ

**ବାଲେଶ୍ୱର, ନ୍ୟୁଜ୍**

ଜାତୀୟତାର ପ୍ରତୀକ ସ୍ୱାମୀ ବିବେକାନନ୍ଦ ଓ ମାନବତାବାଦୀ କବି ବ୍ରଜନାଥ ରଥଙ୍କ ଜନ୍ମ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୁଇ ବରପୁତ୍ରଙ୍କୁ ସ୍ମରଣ କରିବା ସହ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏକ ଭିନ୍ନ ଧରଣର ଶୃଙ୍ଖଳିତ ଜୀବନଦର୍ଶନ ଭାବନାର ସ୍ରୋତ ପ୍ରବାହିତ ହେବାର ଆଶାପୋଷଣ କରିଥିଲେ ଆଧାତ୍ମିକତା ବ୍ୟକ୍ତିର ଲକ୍ଷ୍ୟ ସୃଷ୍ଟି କରାଏ ଏହି ମହାନ ବ୍ୟକ୍ତି ଦ୍ୱୟ ମଣିଷତ୍ୱ ପାଇଁ ସଂଗ୍ରାମ କରିଥିଲେ ତଥା ନିଜ ନିଜ ଶୈଳୀରେ ମାନବିକତାର ତର୍ଜମା କରିଯାଇଛନ୍ତି ବୋଲି କୁଳପତି ପ୍ରଫେସର ତ୍ରିପାଠୀ ନିଜ ଅଭିଭାଷଣରେ ପ୍ରକାଶ କରିଥିଲେ । ଏଥିସହିତ ବିଶ୍ୱବିଦ୍ୟାଳୟର ପିଜି କାଉନସିଲର ଅଧ୍ୟକ୍ଷ ପ୍ରଫେସର ସବ୍ୟସାଚୀ ପଟ୍ଟନାୟକ ବିବେକାନନ୍ଦ ନିଜ ବକ୍ତବ୍ୟ ମାଧ୍ୟମରେ ଓ ବ୍ରଜନାଥ ରଥ ନିଜ ଗଣଚେତନାତ୍ମକ କବିତା ତଥା ଲେଖା ମାଧ୍ୟମରେ ମହାନ ସାଧକ ହୋଇପାରିଥିଲେ ବୋଲି ଉଲ୍ଲେଖ କରିଥିଲେ । ବିଶ୍ୱବିଦ୍ୟାଳୟ ପାଠାଗାରର ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ସୂର୍ଯ୍ୟେନ୍ଦୁ କୁମାର ଦେ ବିବେକାନନ୍ଦଙ୍କ ଜୀବନର ଅନ୍ତର୍ନିହିତ ଗୁଣାବଧାରଣକୁ ଗଳ୍ପ ମାଧ୍ୟମରେ ଖୁବ ଉତ୍ତମ ରୂପେ ପରିବେଷଣ କରିଥିଲେ ଯାହା ଅତ୍ୟନ୍ତ ଶିକ୍ଷଣୀୟ ହୋଇଥିଲା । ବିବେକାନନ୍ଦ ନିଜ ସ୍ୱଳ୍ପ ଜୀବନ ମଧ୍ୟରେ ସମାଜର ଅନେକ ଯୁବପିଢିଙ୍କୁ ଆଗେଇଯିବାର ଯଥେଷ୍ଟ ଜ୍ଞାନ ଦେଇଯାଇଛନ୍ତି ଓ ତାଙ୍କ ମତରେ ଚରିତ୍ରିକ ଶୃଙ୍ଖଳା ସହ ଆଚରଣ, ବିଚାର ଓ ଭାବଧାରାରେ ଶୃଙ୍ଖଳାଗତ ଆଚରଣ ହିଁ ପ୍ରଗତିର ପ୍ରତୀକ ଆଦି ଅନେକ ତଥ୍ୟ ନିଜ ଉଦ୍‌ବୋଧନରେ ପ୍ରକାଶ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗର ମୁଖ୍ୟ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର କବି ବ୍ରଜନାଥ ରଥଙ୍କ ଜୀବନୀ ଓ ଲେଖାଗୁଡ଼ିକ ଉପରେ ଆଲୋକପାତ କରିବା ସହ ତାଙ୍କ ରଚନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଓ ସୃଜନାତ୍ମକ ବିଷୟଗୁଡ଼ିକ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ । ବିଶ୍ୱବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ, ଶିକ୍ଷା କର୍ମଚାରୀମାନଙ୍କ ସହିତ ଅନେକ ଛାତ୍ରଛାତ୍ରୀ ଉପସ୍ଥିତ ହୋଇ ଏହି ଜୟନ୍ତୀ ଉତ୍ସବ ପାଳନ କରିଥିଲେ । କାର୍ଯ୍ୟକ୍ରମକୁ ପ୍ରଫେସର ଡକ୍ଟର ଦେବାଶିଷ ପାତ୍ର ସଞ୍ଚାଳନ କରିଥିଲେ ଓ ଆସିଷ୍ଟାଣ୍ଟ ପ୍ରଫେସର ପବିତ୍ର ମୋହନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

# ରାଜଧାନୀର ଗଳି ଗଳିରେ ଦେଶୀମଦର ଆସର

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ରାଜଧାନୀର ଗଳି ଗଳିରେ ଦେଶୀମଦର ଆସର ବଢିବାରେ ଲାଗିଛି । ଦେଖିବାକୁ ମିଳିଛି ଯେ, ଭୁବନେଶ୍ୱରର ସି.ଆର.ପି. ଛକରୁ ଟମାଣ୍ଡୋ ଛକ ପର୍ଯ୍ୟନ୍ତ ପସରା ମେଲାଇଛନ୍ତି ଦେଶୀମଦ ବେପାରୀ । ରାଜ୍ୟ ସରକାର ଜନସାଧାରଣଙ୍କ ସ୍ୱାସ୍ଥ୍ୟକୁ ନେଇ ବିଭିନ୍ନ ଯୋଜନା ବାହାର କରିବାରେ ବ୍ୟସ୍ତ । ହେଲେ କିଛି ଅସାଧୁ ବେପାରୀ ଟଙ୍କା ପାଇଁ ବିଷ ବିକ୍ରି କରିବାରେ ବ୍ୟସ୍ତ । ଭୁବନେଶ୍ୱରକୁ ସ୍ମାଟ ସିଟି କରିବାରେ ମୁଖ୍ୟମନ୍ତ୍ରୀ ଠାରୁ ଆରମ୍ଭ କରି ରାଜନେତା ଓ କିଛି ସର୍ବସାଧାରଣ ବ୍ୟସ୍ତରେ ଥିବା ବେଳେ ଆଉ କିଛି ଅସାଧୁ ବେପାରୀ ନିଜ ପାଣ୍ଠି ଗରମ କରିବାରେ ବ୍ୟସ୍ତ । ଅବକାରୀ ବିଭାଗ ଓ ପୋଲିସ ପ୍ରଶାସନ ଏହା ଜାଣି ମଧ୍ୟ ଚୁପ୍ କାହିଁକି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ଅଙ୍କୁଶ ନାହିଁ, ବିପଦରେ ଜଳଯାତ୍ରୀ: ଜଳଭଣ୍ଡାରରେ ଚାଲିଛି ୮୦୦ ଦେଶୀଡଙ୍ଗା



**ନନ୍ଦପୁର, ନ୍ୟୁଜ ବ୍ୟୁରୋ**

ଦେଶୀ ଡଙ୍ଗାବୁଡ଼ି ଅନେକ ପରିବାର ଉଜୁଡ଼ି ଯାଇଛି । ତଥାପି ଏହି ବିପଦପୂର୍ଣ୍ଣ ଜଳଯାତ୍ରାରେ ଏଯାଏ ରୋକ ଲାଗିଲାନି । ଅନ୍ୟପକ୍ଷରେ ପ୍ରଶାସନର ବିନା ଅନୁମତିରେ ଘାଟଗୁଡ଼ିକରୁ ହାତ ତିଆରି ଡଙ୍ଗାରେ ଯାତ୍ରୀଙ୍କୁ ପରିବହନ କରାଯାଉଛି । କୌଣସି ପ୍ରକାର ଅଙ୍କୁଶ ନଥିବାରୁ ଯାତ୍ରୀଙ୍କ ସୁରକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନି । କୋରାପୁଟ ଜିଲ୍ଲା ଅନ୍ତର୍ଗତ ନନ୍ଦପୁର ଏବଂ ଲମତାପୁଟ ବ୍ଲକର ୧୮ଟି ପଞ୍ଚାୟତକୁ ଜଳାପୁଟ ଓ କୋଲାବ ଜଳଭଣ୍ଡାର ଘେରି ରହିଛି । ନନ୍ଦପୁର ବ୍ଲକର ଚାଟୁଆ, ପାଡୁଆ, କୁଲାବିର, ପରଜାବଡ଼ପଡ଼ା, କୁଲାରସିଂ, ଗୋଲୁର, ପାଟ୍ଟଲୁଙ୍ଗ, ବିଲାପୁଟ, ବାଡେଲ, ବାଲଡା ଓ ଅତଣ୍ଡା ପଞ୍ଚାୟତକୁ ଲାଗି ରହିଛି ଜଳାପୁଟ ଜଳଭଣ୍ଡାର । ସେହିପରି ଲମତାପୁଟ ବ୍ଲକର ଲମତାପୁଟ, ଟିକରପଡ଼ା, କୁମାରଗନ୍ଧଣା, ବନମାଳିପୁଟ, ଉମ୍ବେଲ, ପେଟା, ଦାବଗୁଡା ପଞ୍ଚାୟତ ସମେତ ନନ୍ଦପୁର ବ୍ଲକର ଥୁବା, ମାଳିବେଲଗାଁ, ଖୁର୍ଜି ପଞ୍ଚାୟତକୁ ଲାଗି ରହିଛି କୋଲାବ ଜଳଭଣ୍ଡାର । ଉପରୋକ୍ତ ପଞ୍ଚାୟତର ଅନେକ ଗାଁକୁ ଏପର୍ଯ୍ୟନ୍ତ ପକ୍କା ରାସ୍ତା ହୋଇପାରିନି । ଯେଉଁ ଗାଁକୁ ପକ୍କା ରାସ୍ତା ରହିଛି ସେହି ରାସ୍ତାରେ ବ୍ଲକ କିମ୍ବା ଜିଲ୍ଲା ସଦର ମହକୁମା ଦୂରତା ଅଧିକ । ଏହାବ୍ୟତୀତ ଅନେକ ଗାଁକୁ ବସ୍ ସେବା ଆରମ୍ଭ ହୋଇନି । କମାଣ୍ଡାର ଭଳି ଛୋଟ ଗାଡି ହିଁ ଚଳାଚଳ କରୁଛି । ସେଥିରେ ଯାତ୍ରା କରିବା ଲୋକଙ୍କ ପାଇଁ ମହଙ୍ଗା ପଡୁଛି । ଅନ୍ୟପଟେ ଦେଶୀଡଙ୍ଗାରେ ଭଡ଼ା ୨୦ରୁ ୪୦ଟଙ୍କା ଦେବାକୁ ପଡୁଛି । କମ ଦୂରତା ସହ କମ ଭଡ଼ା ଯୋଗୁଁ ନୈକାଯାତ୍ରା କରୁଛନ୍ତି ଜଳଭଣ୍ଡାର ସଂଲଗ୍ନ ଅଞ୍ଚଳବାସୀ ।

## ମାଲକାନଗିରି ଓ ସୁକୁମା ପୁଲିସର ସମନ୍ୱୟ ବୈଠକ

# ମାଓ ଓ ଅପରାଧିକ କାର୍ଯ୍ୟକାଳପ ରୋକିବାକୁ ପ୍ରସ୍ତୁତି

**ମାଲକାନଗିରି, ନ୍ୟୁଜ ବ୍ୟୁରୋ**

ଆଗାମୀ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମାଓଦମନ ଓ ଅପରାଧିକ କାର୍ଯ୍ୟକାଳପ ରୋକିବା ପାଇଁ ମାଲକାନଗିରି ଓ ସୁକୁମା ପୁଲିସର ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଓଡିଶା ଓ ଛତିଶଗଡ଼ ସୀମାନ୍ତ ଥାନା ଅଞ୍ଚଳରେ ମାଓ ଓ ଅପରାଧିକ କାର୍ଯ୍ୟକାଳାପ ବିଷୟରେ ଉଭୟର ରାଜ୍ୟର ପୁଲିସର ସମନ୍ୱୟକୁ ନେଇ ଆଲୋଚନା କରାଯାଇଛି । ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ ରାଜ୍ୟର ସୁକୁମା ଏସପି କାର୍ଯ୍ୟାଳୟ ଠାରେ ଏହି ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । ସୁକୁମା ଜିଲ୍ଲା ଅତିରିକ୍ତ ଅଧୀକ୍ଷକ ଆକାଶ ମାର୍କମଙ୍କ ନେତୃତ୍ୱରେ ଆୟୋଜିତ ବୈଠକରେ ମାଲକାନଗିରିର ଅତିରିକ୍ତ ପୁଲିସ ଅଧୀକ୍ଷକ (ଅପରେସନ) ମନୋଜ ସିଂ, ଡିଏସପି ଯଦୁମଣି ଜେନା, ଏସଡିପିଓ ସଚିନ ପଟେଲ, ମାଥିଲି ଥାନା ଅଧିକାରୀ ଦେବଦତ୍ତ ମଲ୍ଲିକ, ମାଲକାନଗିରି ଥାନା ଅଧିକାରୀ ରିଗାନ କିଣ୍ଡୋ, ପଡିଆ ଥାନା ଅଧିକାରୀ ରାମେଶ୍ୱର ପ୍ରଧାନଙ୍କ ସମେତ ସୁକୁମାର ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ଲୋକସଭା ନିର୍ବାଚନ ଆସୁଥିବା ବେଳେ ଅପରାଧିକ କାର୍ଯ୍ୟକଳାପ ଓ



ମାଓ ହିସାଂ ବଢ଼ିବାର ଆଶଙ୍କା ରହିଛି । ଏନେଇ ଗଞ୍ଜେଇ, ନିଶାଦ୍ରବ୍ୟ ଓ ମାଓବାଦୀଙ୍କ ଗତିବିଧି ସମ୍ପର୍କରେ ଉଭୟ ଜିଲ୍ଲାର ପୁଲିସ ପରିସ୍ପରକୁ ସୂଚନା ବିନିମୟ କରିବେ । ଏଥିସହ ଅଭିଯୁକ୍ତଙ୍କୁ ଧରିବାରେ ଉଭୟ ପୁଲିସର ମଧ୍ୟ ସମନ୍ୱୟ ରହିବା ବିଷୟରେ ଆଲୋଚନା କରାଯାଇଛି । ଏଥିସହ ଚେକପୋଷ୍ଟଗୁଡିକରେ ଯାଞ୍ଚ କଡାକଡି କରିବା ସହ ନିଶାଦ୍ରବ୍ୟ ଚାଲାଣକୁ ରୋକିବା ବିଷୟରେ ଆଲୋଚନା ହୋଇଛି ।

# ହରିଭାଇନା ବଦଳରେ ଗାନ୍ଧୀଛକ : ସମସ୍ୟାରେ ଶ୍ରମିକ



**ଜଟଣୀ, ନ୍ୟୁଜ ବ୍ୟୁରୋ**

ନୂଆବର୍ଷରୁ ଜଟଣୀ ଶ୍ରମିକହାଟ ନୂଆ ଠିକଣା ପାଇଛି । ହରିଭାଇନା ଛକରୁ ଏହି ହାଟକୁ ପୌରପାଳିକା ସ୍ଥାନାନ୍ତର କରି ଟାଉନ୍ ହଲ୍ ଗାନ୍ଧୀ ପାର୍କ ନିକଟରେ ଥଇଥାନ କରିଛି । କାମ ଅନ୍ୱେଷଣରେ ଅପେକ୍ଷା କରୁଥିବା ଦିନମଜୁରିଆଙ୍କ ପାଇଁ ନୂଆ ଜାଗାରେ ପାନୀୟ ଜଳ ଓ ବସିବା ପାଇଁ ଚଉକି ଆଦିର ବ୍ୟବସ୍ଥା କରାଯାଇଛି । ଆଗକୁ ସେମାନଙ୍କ ସୁବିଧା ପାଇଁ ଅନ୍ୟାନ୍ୟ ବ୍ୟବସ୍ଥା କରାଯିବ ବୋଲି ପୌରପାଳିକା ପକ୍ଷରୁ ସୂଚନା ମଧ୍ୟ ମିଳିଛି । ପୌରପାଳିକାର ଏଭଳି ପଦକ୍ଷେପ ପାଇଁ ଏବେ ହରିଭାଇନାଛକ ଟ୍ରାଫିକ୍ ଜାମ୍‌ରୁ ମୁକୁଳିଛି ଏବଂ ଜଟଣୀବାସୀଙ୍କୁ ଆଶ୍ୱସ୍ତି ମିଳିଛି । କିନ୍ତୁ ପୌରପାଳିକାର ଏହି ପଦକ୍ଷେପ ଶ୍ରମିକମାନଙ୍କ ପାଇଁ ନୂଆ ସମସ୍ୟା ଆଣିଦେଇଛି ବୋଲି ସେମାନେ କହିଛନ୍ତି । ନୂଆ ଠିକଣାରେ ସେମାନଙ୍କୁ ଆଗ ଭଳି କାମ ମିଳୁନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି । ଶ୍ରମିକମାନଙ୍କ ଅଭିଯୋଗ ଅନୁସାରେ ପୂର୍ବରୁ ହରିଭାଇନା ଛକରୁ ସେମାନଙ୍କୁ କାମ ମିଳିବାରେ ସହଜ ହେଉଥିଲା । କାମ ପାଇଁ ଡାକିବାକୁ ଆସୁଥିବା ଲୋକେ ସହଜରେ ସେମାନଙ୍କୁ ପାଉଥିଲେ । ସେମାନଙ୍କୁ ନେବାଆଣିବା କରିବାକୁ ଗାଡ଼ି ପାର୍କିଂର ସୁବିଧା ହେଉଥିଲା । ମାତ୍ର ଗାନ୍ଧୀ ପାର୍କ ନିକଟରେ ଗାଡ଼ି ରଖିବାକୁ ସୁବିଧା ନଥିବାରୁ କାମ ପାଇଁ ଡାକୁଥିବା ମାଲିକ ବା ଠିକାଦାରମାନେ ସେଠାକୁ ଆସିବାକୁ ମନ କରୁନାହାନ୍ତି । ସେମାନେ ଅନ୍ୟଠୁ ଶ୍ରମିକ ଯୋଗାଡ଼ କରୁଛନ୍ତି । ଫଳରେ ଦିନେ ଦିନେ ସେମାନଙ୍କ ମଧ୍ୟରୁ ଅନେକଙ୍କୁ କାମ ମିଳୁନାହିଁ । ବିନା ରୋଜଗାରରେ ଖାଲି ହାତରେ ଘରକୁ ଫେରିବାକୁ ପଡୁଛି । ଅନ୍ୟପକ୍ଷରେ ଜଟଣୀ ସହରବାସୀଙ୍କ କହିବା କଥା ଯାହାର ଶ୍ରମିକ ଆବଶ୍ୟକ, ସେମାନେ ନିଶ୍ଚୟ ଗାନ୍ଧୀ ପାର୍କ ହାଟକୁ ଆସିବେ । ନୂଆ ଠିକଣା ହୋଇଥିବାରୁ ହୁଏତ କିଛି ଲୋକ ଜାଣିନଥିବାରୁ ସମସ୍ୟା ହେଉଥିବ । କିନ୍ତୁ ଶ୍ରମିକ ହାଟ କୌଣସି ଅପହଞ୍ଚ ସ୍ଥାନକୁ ଉଠିଯାଇନାହିଁ । ଜଟଣୀ ଟାଉନ୍‌ର ମୁଖ୍ୟ ରାସ୍ତାକୁ ଲାଗି ନୂଆ ଜାଗା ଦିଆଯାଇଛି । ତେଣୁ କିଛି ଦିନ ମଧ୍ୟରେ ଶ୍ରମିକମାନଙ୍କ ଏହି ସମସ୍ୟା ଦୂର ହୋଇଯିବ । ହରିଭାଇନା ଛକର ଭିଡ଼ ସମସ୍ୟା ବହୁ ଦିନର । ଜଟଣୀର ପ୍ରବେଶ ଦ୍ୱାର ଭଳି ଏହି ଛକରେ ପୂର୍ବରୁ ଶ୍ରମିକ ହାଟ ପାଇଁ ଯେଉଁ ଅସମ୍ଭାଳ ଟ୍ରାଫିକ୍ ଜାମ୍ ହେଉଥିଲା, ତାହା ଆଉ ନାହିଁ । ଛାତ୍ରଛାତ୍ରୀଙ୍କଠାରୁ ଆରମ୍ଭ କରି ସବୁ ବର୍ଗର ଲୋକେ ଏହି ଛକରେ ହେଉଥିବା ଟ୍ରାଫିକ୍ ଭିଡ଼ ପାଇଁ ବଡ଼ କଳବଳ ହେଉଥିଲେ । ତେଣୁ ପୌରପାଳିକା ନୂଆ ଶ୍ରମିକ ହାଟରେ ସମସ୍ତ ସୁବିଧା ଯୋଗାଇ ସେହିଠାରେ ହିଁ ରଖିବା ଜରୁରି । ପୁଣି ହରିଭାଇନା ଛକକୁ ଯେମିତି କେହି କବ୍‌ଜା ନ କରନ୍ତି, ସେଥିପ୍ରତି ପ୍ରଶାସନ ଧ୍ୟାନ ଦେବା ଆବଶ୍ୟକ ।

# ଓଡ଼ିଶାକୁ ଦୋଷ ଦେଲା ଆନ୍ଧ୍ର: ଆନ୍ଧ୍ରରେ ଜବତ ୮୧% ଗଞ୍ଜେଇ ଓଡ଼ିଶାର

**କୋରାପୁଟ, ନ୍ୟୁଜ ବ୍ୟୁରୋ**

ଗଞ୍ଜେଇ ପାଇଁ ପୁଣି ବଦନାମ ମୁଣ୍ଡାଇଛି କୋରାପୁଟ ଏବଂ ମାଲକାନଗିରି ଜିଲ୍ଲା । ଓଡ଼ିଶା ପୁଲିସର ବିଫଳତା ବଖାଣିଛି ଆନ୍ଧ୍ର ପୁଲିସ । ୨୦୨୩ ମସିହାରେ ଆନ୍ଧ୍ର ପୁଲିସ ଜବତ କରିଥିବା ଗଞ୍ଜେଇର ୮୧ ପ୍ରତିଶତ ମାଲକାନଗିରି ଏବଂ କୋରାପୁଟ ଜିଲ୍ଲାରୁ ଆସିଥିଲା ବୋଲି ସୂଚନା ଦେଇଛି । ଏତେ ପରିମାଣରେ ଗଞ୍ଜେଇ ଆନ୍ଧ୍ରକୁ ଚାଲାଣ ହେଲା ଅଥଚ ଓଡ଼ିଶା ପୁଲିସ ଏହାକୁ ରୋକିବାରେ କେମିତି ସଫଳ ହେଲା ନାହିଁ ବୋଲି ପ୍ରଶ୍ନ ଉଠୁଛି ।

ଆନ୍ଧ୍ରର ଆଲ୍ଲୁରୀ ସୀତାରାମ ରାଜୁ (ଏଏସ୍ଆର) ଜିଲ୍ଲା ପୁଲିସ ଗଞ୍ଜେଇ ଚୋରା ଚାଲାଣ ସଂପର୍କିତ ବିସ୍ତୃତ ତଥ୍ୟ ସାମ୍ବାଦିକ ସମ୍ମିଳନୀ କରି ଦେଇଛି । ୨୦୨୩ ମସିହାରେ ଆନ୍ଧ୍ର ପୁଲିସ ୨୧,୭୮୫ କେଜି ଗଞ୍ଜେଇ ଜବତ କରିଛି । ସେଥିରୁ ୨୦,୫୧୦ କେଜି କେବଳ କୋରାପୁଟ ଓ ମାଲକାନଗିରିରୁ ଯାଇଛି । ମୋଟ ୨୫୯ଟି ଗଞ୍ଜେଇ ମାମଲା ଆନ୍ଧ୍ର ପୁଲିସ ରୁଜୁ କରିଥିବା ବେଳେ ୨୦୯ଟି ମାମଲାରେ କୋରାପୁଟ ଓ ମାଲକାନଗିରି ଜିଲ୍ଲାର ଗଞ୍ଜେଇ ମାଫିଆ ଗିରଫ ହୋଇଛନ୍ତି । ଏହାବ୍ୟତୀତ ଗଞ୍ଜେଇ ଚାଷରେ ଅଙ୍କୁଶ ଲଗାଇବାରେ ଏଏସ୍ଆର ଜିଲ୍ଲା ପୁଲିସର ସଫଳତା ସୂଚନା ଏହି ସାମ୍ବାଦିକ ସମ୍ମିଳନୀରେ ଦିଆଯାଇଥିଲା । ୨୦୨୩ ମସିହାରେ ୨୪୮ ଏକର ଜମିରେ ପ୍ରାୟ ୧୧ଲକ୍ଷ ୬୮ହଜାର ଗଛ ନଷ୍ଟ କରାଯାଇଛି । ଯାହାର ବଜାର ମୂଲ୍ୟ ପ୍ରାୟ ୫୮କୋଟି ୪୦ଲକ୍ଷ ଟଙ୍କା ହେବ ।

୨୦୨୨ ମସିହାରେ ୧୦୩୯ଏକର ଜମିରେ ୩୧ଲକ୍ଷ ୨୭ହଜାର ଗଛ ନଷ୍ଟ କରିଥିଲା ଯାହାର ବଜାର ମୂଲ୍ୟ ପ୍ରାୟ ୧୫୬କୋଟି ୩୭ଲକ୍ଷ ଟଙ୍କା ହେବ ବୋଲି ଜଣାଯାଇଛି । ୨୦୨୨



ମସିହାରେ ମୋଟ ୮୪୮ଜଣ ଗଞ୍ଜେଇ ଚାଷୀଙ୍କୁ ଗିରଫ କରାଯାଇଥିଲା । ୨୦୨୩ ମସିହାରେ ମୋଟ ୮୬୯ଜଣ ଚାଷୀ ଗିରଫ ହୋଇଛନ୍ତି । ସେଥିରୁ ତେଲେଙ୍ଗାନାର ୯୪ ଜଣ, ଓଡ଼ିଶାର ୯୫ ଜଣ, ମହାରାଷ୍ଟ୍ରର ୬୨ ଜଣ, ତାମିଲନାଡୁର ୩୮ ଜଣ, କେରଳର ୨୯ ଜଣ, କର୍ଣ୍ଣାଟକର ୧୮ ଜଣ, ମଧ୍ୟପ୍ରଦେଶର ୯ ଜଣ, ଉତ୍ତରପ୍ରଦେଶର ୧୦ ଜଣ, ଦିଲ୍ଲୀ ଓ ରାଜସ୍ଥାନରୁ ୭ ଜଣ ଲେଖାଏଁ, ହରିୟଣା, ବିହାର ଓ ଛତିଶଗଡ଼ରୁ ୨ ଜଣ, ଆନ୍ଧ୍ରରୁ ୪୭୮ ଜଣ ଚାଷୀ ଗିରଫ ହୋଇଛନ୍ତି । ଏସ୍‌ପି ତୁହୀନ ସିହ୍ନା କହିଛନ୍ତି, 'ଅପରେସନ ପରିବର୍ତ୍ତନ' ଜରିଆରେ ଜିଲ୍ଲାରେ ଗଞ୍ଜେଇ ଚାଷକୁ ରୋକିବା ଦିଗରେ ଅଭିଯାନ ଚାଲିଛି । ଚାଷୀଙ୍କୁ ଗଞ୍ଜେଇ ଚାଷ ନ କରିବାକୁ ସଚେତନ କରି ରାଜମା, ସିଲଭର ଓକ, କଫି, ମିଠା ଆତାପି, କମଳା, ଲେମ୍ବୁ ଓ ଶୀତାଫଳ ଚାଷ କରିବାକୁ ପ୍ରୋତ୍ସାହିତ କରାଯାଉଛି । ଫଳରେ ଜିଲ୍ଲାରେ ଗଞ୍ଜେଇ ଚାଷ ହ୍ରାସ ପାଇଥିଲା ବେଳେ ଓଡ଼ିଶାରେ ବୃଦ୍ଧି ପାଇଛି ।

ଅନ୍ୟପଟେ କୋରାପୁଟ ଜିଲ୍ଲାରେ ପ୍ରତିବର୍ଷ ଗଞ୍ଜେଇ ଚାଷ ଓ ଚାଲାଣ ପରିମାଣ ବଢ଼ି ଚାଲିଛି । ୨୦୧୮ ମସିହାରେ ୫୮ଟି ମାମଲା ରୁଜୁ ହୋଇଥିବାବେଳେ ୨୦୧୯ରେ ୧୦୩ଟି ମାମଲା ରୁଜୁ ହୋଇଥିଲା । ୨୦୨୦ ମସିହାରେ ୧୪୮, ୨୦୨୧ ମସିହାରେ ୧୫୪ ଏବଂ ୨୦୨୨ ଅଗଷ୍ଟ ମାସ ସୁଦ୍ଧା ୯୧ଟି ମାମଲା ରୁଜୁ ହୋଇଛି । ୨୦୨୩ ମସିହାରେ ଗଞ୍ଜେଇ ଚାଲାଣରେ ପୁଲିସ ଏବଂ ଅବକାରୀ ବିଭାଗ କର୍ମଚାରୀଙ୍କ ସଂପୃକ୍ତି ଖାକିରେ କଳଙ୍କ ଲଗାଇଥିଲା ।

29 YEARS
ସମ୍ବାଦ କଳିକା

## ୭ ବର୍ଷର ସର୍ବ ନିମ୍ନ ସ୍ତରକୁ ଦେଶର ଗହମ ଭଣ୍ଡାର ହ୍ରାସ

ସାରା ଦେଶରେ ଥିବା ସରକାରୀ ଗହମ ଭଣ୍ଡାର ୭ ବର୍ଷର ସର୍ବନିମ୍ନ ସ୍ତରକୁ ପହଞ୍ଚିଛି। ଅଧିକାରୀକ ତଥ୍ୟ ଅନୁସାରେ ଭାରତୀୟ ଖାଦ୍ୟ ନିଗମ (ଏଫସିଆଇ) ଓ ରାଜ୍ୟ ଏଜେନ୍ସୀଙ୍କ ନିକଟରେ ୧ଜାନୁୟାରୀ ୨୦୨୪ ସୁଦ୍ଧା ଗହମର ମୋଟ ଭଣ୍ଡାର ୧୬୩.୫ ଲକ୍ଷ ଟନ ଥିଲା। ଯାହା ଗତ ୭ ବର୍ଷର ସର୍ବନିମ୍ନ ସ୍ତର ବୋଲି ଏବେ କୁହାଯାଉଛି। ଏଣୁ ବଜାରରେ ଗହମ ଦର ବୃଦ୍ଧି ସହ ଅଟା ଦର ବଢିବାକୁ ଥିବା ବେଳେ ଥାଳିରେ ରୁଟି ବି ମହଙ୍ଗା ହୋଇପାରେ ବୋଲି ଏବେଠୁ ଆକଳନ କରାଗଲାଣି।

ତେବେ ଏହା ପୂର୍ବରୁ ୨୦୧୭ ମସିହାରେ ସାରା ଦେଶର ଗୋଦାମ ମାନଙ୍କରେ ୧୩୭.୫ଲକ୍ଷ ଟନ ଗହମ ଭଣ୍ଡାରର ରେକର୍ଡ ହୋଇଥିଲା। ତେବେ ଗତ ୭ ବର୍ଷରେ ୨୦୨୧ରେ ସବୁଠୁ ଅଧିକ ଗହମ ଭଣ୍ଡାର ହୋଇଥିଲା। ସେତେବେଳେ ଗହମର ମୋଟ ଷ୍ଟକ୍ ୩୪୨.୯୦ ଲକ୍ଷ ଟନ ଥିଲା। ତେବେ ୨୦୨୨ରେ ଏହା ହ୍ରାସ ହୋଇ ୩୩୦.୧୨ଲକ୍ଷ ଟନ ଓ ୨୦୨୩ରେ ୧୭୧.୩୧ ଲକ୍ଷ ଟନକୁ ହ୍ରାସ ହୋଇଛି। ତେବେ ୨୦୨୪ କ୍ୟାଲେଣ୍ଡର ବର୍ଷ ଆରମ୍ଭରେ ୧୩୮ ଲକ୍ଷ ଟନ୍ ନ୍ୟୁନତମ ବଫରରୁ ଅଧିକ ରହିଛି।

ଭବିଷ୍ୟତର କୌଣସି ପ୍ରକାର ଅଭାବର ମୁକାବିଲା ନିମନ୍ତ ସାମଗ୍ରୀ ମହଜୁଦ କରିବାକୁ ବଫର ଷ୍ଟକ୍ କୁହାଯାଏ। ୩ ମାସର ୧୦୮ଟନ ପରିଚାଳନା ଆବଶ୍ୟକତା ଓ କୌଣସି କ୍ରୟ ନିମନ୍ତେ ଅଭାବ ପୂରଣ ପାଇଁ ୩୦ ଲକ୍ଷ ଟନର ଭଣ୍ଡାର ସୁରକ୍ଷିତ ରଖାଯାଏ। ଏଥିରେ ସରକାରୀ ଗୋଦାମଙ୍କ ତଥ୍ୟ ଅନୁସାରେ ୧ ଜାନୁୟାରୀ ୨୦୨୪ ସୁଦ୍ଧା ଚାଉଳ ଷ୍ଟକ୍ ୫୧୬.୫ ଲକ୍ଷ ଟନ ରହିଛି। ଯାହା ମାନକ ନିମ୍ନତମ ବଫର ୭୬.୧ ଲକ୍ଷ ଟନରୁ ଢେର ଅଧିକ ରହିଛି। ଏଥିରେ ଚାଉଳ ଓ ଗହମର ଭଣ୍ଡାରକୁ ମିଶାଇ ଦେଖିଲେ ଉଭୟ ଷ୍ଟକ୍ ୬୮୦ ଲକ୍ଷ ଟନ ପର୍ଯ୍ୟନ୍ତ ପହଞ୍ଚି ଯାଉଛି, ଯାହା ବଫର ଷ୍ଟକ୍ ୨୧୪.୧ ଲକ୍ଷ ଟନରୁ ତିନିଗୁଣା ଅଧିକ।

ଏବେକା ଗହମ ଷ୍ଟକ୍ ସେତେବେଳେ ହ୍ରାସ ହେଲା ଯେତେବେଳେ ସେପଟ୍ଟେମ୍ବର ୨୦୨୨ରୁ ନଭେମ୍ବର ୨୦୨୩ ପର୍ଯ୍ୟନ୍ତ ଲଗାତାର ୧୫ ମାସ ପର୍ଯ୍ୟନ୍ତ ମୁଦ୍ରାସ୍ଫିତି ଦୁଇ ଅଙ୍କରେ ରହିବା ପରେ ଡିସେମ୍ବରରେ ଖୁଚୁରା ଖାଦ୍ୟ ଶସ୍ୟ ଦର ବଢିଥିଲା। ଖାଦ୍ୟ ଶସ୍ୟଦରରେ ବର୍ଷ ପରେ ବର୍ଷ ବୃଦ୍ଧି ହୋଇ ଏବେ ୯.୯୩ ପ୍ରତିଶତରେ ପହଞ୍ଚିଛି । ତେବେ ଭଣ୍ଡାରଣ ହ୍ରାସର ଯାହା ମୁଖ୍ୟ କାରଣ ତାହା ହେଉଛି ଲଗାତାର ୨ ବର୍ଷ ହେଲା ଗହମ ଉତ୍ପାଦନ ହ୍ରାସ ହେବାରେ ଲାଗିଛି। ଏଣୁ ରାଜ୍ୟ ସଞ୍ଚାଳିତ ଏଜେନ୍ସୀଙ୍କୁ ଘରୋଇ ସଂସ୍ଥାଙ୍କୁ ବାଧ ହୋଇ ଅଧିକ ବିକ୍ରି କରିବାକୁ ପଡୁଛି।

ବିଶ୍ୱର ଦ୍ୱିତୀୟ ସର୍ବ ବୃହତ୍ତ ଗହମ ଉତ୍ପାଦକ ଭାରତ ଗତ ବର୍ଷରୁ ରପ୍ତାନୀ ବନ୍ଦ କରିଦେଇଛି। କାରଣ ପାଗ ଉତପ୍ତ ରହିବା ଯୋଗୁ ଗହମ ଉତ୍ପାଦନ ହ୍ରାସ ହୋଇଥିଲା। ଏପରି ସ୍ଥିତିରେ ୟୁକ୍ରେନ ଉପରେ ଋଷିଆର ଆକ୍ରମଣ ବିଶ୍ୱରେ ଗହମ ଦର ବୃଦ୍ଧିର କାରଣ ପାଲଟିଥିଲା। ତେବେ୨୦୨୩ରେ ଆମେରିକୀୟ ଗହମ ଦର ୩୫ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ହୋଇଥିଲା। ଭାରତରେ ରପ୍ତାନୀ କଟକଣା ସତ୍ତ୍ୱେ ନିକଟ ଅତୀତରେ ଗହମ ଦର ୨୦ ପ୍ରତିଶତରୁ ଅଧିକ ବଢିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଥା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମ୍ସୁତେ ।'**


ଶ୍ରୀ ଅଭିରାମ ସରସ୍ୱତୀ

ତୁହି ସିନା ମୂଳପଥ
ଆଉ ସବୁ ମାୟା
ତୋ ପାଦକୁ ଛାଡିଦେଲେ
ଭକ୍ତ ଭାବେ ବାୟା (୭)

ତୋର ନାମ ତୋରଜ୍ଞାନ
ହୃଦୟରେ ଦେବୁ
ଉଡା କଥା ମାନ ମୋର
କଣ୍ଠସ୍ୱରେ ନଦେବୁ (୮)

ଆଉ ନାହିଁ ବେଳ କାଳ
ଭଜିବାର ପାଇଁ
ଭକତଙ୍କୁ ଅ୍ଵ ବ୍ୟ୍ୱ
କଳା କରୁଥାଇ (୯)

ତେଣୁ କରି ଏବିପଦେ
ଡାକେ ମାଆ ବୋଲି
ତୋ ଭକ୍ତକୁ ରକ୍ଷାକର
ବଣତ ବଢାଇ (୧୦)

ଜୀବ ଜଗତେ ସ୍ଥିରତା
ଟିକେ ହେଲେ ନାହିଁ
ଅସ୍ଥିର ପରାୟେ ମନ
ତାଙ୍କର ହୁଅଇ (୧୧)

ତେଣୁ କରି ତୋର ପାଦେ
କରୁଛି ଗୁହାରି
ନିମିଷକେ ନାଶ କରି
ଭକତ ଅଇରି (୧୨)

ବେଳ କାଳ ଆଉ ନାହିଁ
ଭାବିବାର ପାଇଁ
କେବଳ ତୋହରି ନାମ
ହୃଦରେ ଭାବଇ (୧୩)

ସଦା କାଳେ ସାହା ହେବୁ
ଜଗତ ଜନନୀ
ଯିବା ଆସିବା ପଥକୁ
ଜଗିବୁ ଭବାନୀ (୧୪)

କାଳ ସଦା ଗ୍ରାସୁ ଅଛି
ଭକତକୁ ଆସି
କାଳି ରୂପେ ସାହାହୁଅ
ଆହେ ପୌଣ୍ଡ୍ରସମାସୀ (୧୫)

ଲକ୍ଷ୍ୟ ମୋର ପାଉ ନାହିଁ

ଏଜଗତ ମଧ୍ୟେ
ଲକ୍ଷ୍ମୀ ରୂପେ ବସ ଆସି
ମୋର ହୃଦ ମଧ୍ୟେ (୧୬)

ଶ୍ରଦ୍ଧା ମୋର ଆଉ ନାହିଁ
ଏ ଜଗତ ପାଇଁ
ଶାରଳା ରୂପରେ ବସ
ମୋ କଣ୍ଠରେ ତୁହି (୧୭)

ଦୁଃଖମୋର ବେଳୁ ବେଳୁ
ହେଉଛି ପ୍ରବଳ
ଦୁଗସ୍ଥା ରୂପେ ସାହାହେବୁ
ଦେଇ ଝୁଲା ଥାଳ (୧୮)

ତାରଣ ମାରଣ ପ୍ରତି
ନାହିଁ ଅନୁରାଗ
ତାରିଣୀ ରୂପରେ ମାତ
ଜଗ ପୃଷ୍ଠ ଭାଗ (୧୯)

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)

(କ୍ରମଶଃ)

# କାବ୍ୟ କୌଣ୍ଡିନ୍ୟ-୩୦

**ଏଣୁ ତେଣୁ**



**ଦୁର୍ଗାଚରଣ ସାହୁ**
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

## କମ୍ବୁଜ (କମ୍ବୋଡିଆ)ରେ କଳିଙ୍ଗ ରାଜତ୍ୱର, ଇତିହାସ ଓ କଳ୍ପନା ମିଶ୍ରିତ ଗୀତିକାବ୍ୟ

## ସୋମା ଓ କୌଣ୍ଡିନ୍ୟଙ୍କ ପାତାଳ ଗମନ

ଉଭୟ ସୋମା ଓ କୌଣ୍ଡିନ୍ୟ ମାସକ ମଧ୍ୟରେ ବିବାହ କରିବା ପାଇଁ ନିଷ୍ପତ୍ତି ନେଇ ସୋମାଙ୍କ ପିତାମହଙ୍କ ସହ ଯେ କି ପାତାଳ ପୁର ନାଗବଂଶୀ ରାଜାଥିଲେ, ତାଙ୍କର ଅନୁମତି ପାଇବା ପାଇଁ ସୋମା ପତ୍ର ପ୍ରେରଣ କରି ସମ୍ମତି ପାଇଲେ। ତା'ପରେ ସେମାନେ ସେ ଅନୁସାରେ ଏକତ୍ର ପାତାଳପୁର ଗମନ କରିବା ହେଉଛି ଏହି ଗୀତର କଥାବସ୍ତୁ। ଅଲୌକିକ ଓ ଅତିରଞ୍ଜିତ ଭାବେ ଆମ୍ଭ ପୁରାଣ ଆଦିରେ ପାତାଳପୁର ବିଷୟରେ ଯାହା ଲେଖାଯାଇଛି, ତାହା ବାସ୍ତବ ନୁହେଁ। ତେଣୁ ବାସ୍ତବରେ ପାତାଳପୁର କେଉଁଠି ଓ ନାଗ ଲୋକମାନେ କିଏ, ସେ ବିଷୟରେ ପରବର୍ତ୍ତୀ ଗୀତମାନଙ୍କରେ ଉପସ୍ଥାପନ କରାଯିବ।

ଏହି ଗୀତର ବିଶେଷତ୍ୱ ଏହି ଯେ ପୂବ ରୀତି ଅନୁସାରେ ଏହା 'ଗ' ଓ 'ଘ' ଅକ୍ଷରରୁ ସମସ୍ତ ଅଂଶରେ ଆରମ୍ଭ ହୋଇ ଲେଖାଯାଇଛି। ଏ କାବ୍ୟରେ ପୂର୍ବରୁ ଏହି ଅକ୍ଷରରେ କୌଣସି ଗୀତ ଲେଖାହୋଇ ନ ଥିବାରୁ ଏହାର ସ୍ୱାଦ ଭିନ୍ନ ଅଟେ।

ଗୁଣୁଗୁଣୁ ସ୍ୱନେ ... ଗାଏ ପତ୍ର ପାଇ
ଗଜଗମନୀ ହର୍ଷ ଚିତ୍ତେ
ଗୃହରୁ ବାହାରି ... ଗଗନ ଚାହିଁଣ
ଗୁଣେ ଦେବ ନାମ ବିନୀତେ ।।୧।।
ଗଣ ନାଗଦେବ ... ଗୁଣକୁ ସୁମରି
ଗୁହାରିରେ ମାଗେ ସୁଫଳ
ଗଲା ସେ ତତ୍‌କ୍ଷଣ ... ଗଦ୍‌ଗଦ୍ ଚିତ୍ତେ
ଗୃହକୁ ଯେ କୌଣ୍ଡିନ୍ୟଙ୍କର ।।୨।।
ଗୁପତେ ହସଇ ... ଗୁଂଜିତ ଲାଜରେ
ଗଣ୍ଡଦେଶେ ରଖି ଅଙ୍ଗୁଳି
ଗଚ୍ଛିତ ସଂବାଦ ... ଗୁଡିକୁ କହଇ
ଗୌରାଙ୍ଗୀ ବିଳମ୍ବ ନ କରି ।।୩।।
ଗଦଗଦେ ବୋଲଇ ... ଗୁରୁଜନମାନେ
ଗୌରବ ଗାଥା ତୁମ୍ଭ ଶୁଣି
ଗ୍ରହଣ କରିଲେ ... ଘଟସୂତ୍ର ଆମ୍ଭ
ଘେନି ମୋ ତୁମର ମାଗୁଣି ।।୪।।
ଗୌରାଙ୍ଗୀ କଥାରେ ... ଗୁରୁତ୍ୱ ଦେଇଣ
ଗଭୀରେ ଚିନ୍ତିଲେ କୌଣ୍ଡିନ୍ୟ


କଳିଙ୍ଗ ବୀର କୌଣ୍ଡିନ୍ୟ ଓ କମ୍ବୁଜ କୁମାରୀ ସୋମା

ଗମନ କରିବେ ... ଘୋଷଣା କଲେ ସେ
ଘେନି ସୋମା ନାଗ ଦେଶେଣ ।।୫।।
ଗଲାପରେ ସେଠି ... ଘଟିବ ବିବାହ
ଗୁରୁଜନଙ୍କ ଆଶୀର୍ବାଦ
ଗ୍ରହଣେ ଦୁହିଁଙ୍କ ... ଗାର୍ହସ୍ଥ୍ୟ ଜୀବନ
ଗୁରୁତରେ ହେବ ସୁଖଦ ।।୬।।
ଗୋଟିଏ ହେବେ ସେ ... ଗୌରାଙ୍ଗୀ ମିଳିଣ
ଘନୀଭୂତ ଘଟିବ ପ୍ରେମ
ଘନିଷ୍ଠ ହୋଇଣ ... ଗୃହ ବସାଇବେ
ଗଠନ କରି ଦେଶୋତ୍ତମ ।।୭।।
ଗଲେ ତେଣୁ ଦ୍ୱୟ ... ଘଟିତାନୁସାରେ
ଗରବେ କରି ଶିରୋନ୍ନତ
ଗର୍ବେ ନୃପତିଙ୍କ ... ଗରିମା ଗାଆନ୍ତି
ଗ-ଘ ରେ ଲେଖା ହୁଏ ଅନ୍ତ ।।୮।।

**ଶବ୍ଦାର୍ଥ :**
**ପଦ (୧)ରୁ (୪) :** ଗଜଗମନୀ-ହାତୀ ପରି ଧୀର ଚାଲୁଥିବା ନାରୀ। ଗଣ-ସମୂହ। ଗୁପତ-ଗୁପ୍ତ ଭାବେ ବା ଲୁଚାଇକରି। ଗୁଂଜିତ-ଗୁଣୁଗୁଣୁ କରି। ଗୌରାଙ୍ଗୀ-ଗୋରା ରଂଗର ନାରୀ। ଘଟସୁତ୍ର-ବିବାହ ବଂଧନ।
**ପଦ (୫)ରୁ ଶେଷ :** ଘେନି-ସାଥିରେ ନେଇ। ଗୁରୁତରେ-ଗଭୀରଭାବେ। ଘନିଷ୍ଠ-ଅନ୍ତରଂଗ। ଦେଶୋତ୍ତମ-ଉତ୍ତମ ଦେଶ। ଘଟିତାନୁସାରେ-ଯାହା ଘଟିଥିଲା ସେ ଅନୁଯାୟୀ।

# ରାଷ୍ଟ୍ରବାଦୀ କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକ

## (୧୨୩ ତମ ଜୟନ୍ତୀ ସମାରୋହ ଉପଲକ୍ଷେ)



ଡାକ୍ତର ଅଂଶୁମାନ କର
ଏନ୍-୧/୧୮୩, ନୟାପଲ୍ଲୀ
ମୋ. : ୯୭୭୮୦୩୦୪୯୪

ଆଜି ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ଆଦିଙ୍କ ରଚନା ପରମ୍ପରା ଓ ଧାରାର ପ୍ରବର୍ତ୍ତକ, ପୁଷ୍ଟପୋଷକ ଓ ପ୍ରଚାରକ କବି ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ୧୨୩ ତମ ଜୟନ୍ତୀ। ୧୯୦୧ ମସିହା ଜାନୁଆରୀ ମାସ ୨୦ ତାରିଖ ଦିନ ତତ୍‌କାଳୀନ ପୁରୀ ଜିଲ୍ଲା ଖୋର୍ଦ୍ଧା ସବ୍‌ଡିଭିଜନର ପ୍ରସିଦ୍ଧ ଯାଆଁଳାର ସମ୍ରାଟ କରଣ କୁଳରେ ପିତା ଗୋଲୋକ କୃଷ୍ଣ ପଟ୍ଟନାୟକ ଓ ମାତା ଶ୍ରୀମତୀ ରାଧାଦେବୀଙ୍କ କୋଳ ମଣ୍ଡନ କରିଥିଲେ ବିଚ୍ଛନ୍ଦ। କବିଙ୍କ ବାଲ୍ୟକାଳ ବର୍ଣ୍ଣନାତୀତ ଦାରିଦ୍ର୍ୟ ଓ ଦୁଃଖ କଷ୍ଟରେ କଟିଥିଲା ମାତ୍ର 'ତୁଳସୀ ଦୁଇପତ୍ରରୁ ବାସିଲା' ପରି ୭/୮ ବର୍ଷ ବୟସରୁ କବିଙ୍କ କବିତା ଶକ୍ତି ସ୍ଫୁରଣ ହୋଇଥିଲା। ସେତେବେଳେ ସେ ଚଉତିଶା ଲେଖି ପାରୁଥିଲେ। ଇଂରାଜୀ ଭାଷା ଓ ସାହିତ୍ୟରେ ତାଙ୍କର ଦକ୍ଷତା ଦେଖି ମାଟ୍ରିକ ଚତୁର୍ଥ ଶ୍ରେଣୀରେ ପଢିଲା ବେଳକୁ ତାଙ୍କ ଶିକ୍ଷକମାନେ କହିଥିଲେ ଯେ ସେ ଇଂରାଜୀ ରଚନାରେ ବଙ୍ଗର ବିଖ୍ୟାତ ଲେଖକ ଲାଲ ବିହାରୀ ଦେଙ୍କ ସମକକ୍ଷ ହୋଇ ସାରିଛନ୍ତି।



ବୃତ୍ତିଗତ ଜୀବନର ଅନେକ ସଂଘର୍ଷ ମଧ୍ୟରେ ସାହିତ୍ୟ ପ୍ରତି ତାଙ୍କର ପ୍ରୀତି ଅକ୍ଷୁର୍ଣ୍ଣ ରହିଥିଲା।

୧୯୩୦ ମସିହାରେ ପ୍ରାଚୀ ସମିତିର ସମ୍ପାଦକ ଓ ପ୍ରେସ ସୁପରିଟେଣ୍ଡେଣ୍ଟ ଭାବେ ସେ ପୂର୍ଣ୍ଣତଃ ସାହିତ୍ୟ, ସଂସ୍କୃତିର ଉଦ୍ଧାର କାର୍ଯ୍ୟରେ ନିୟୋଜିତ ହୋଇଗଲେ। ଇଂରାଜୀ 'ପ୍ରାଚୀ' ପତ୍ରିକାରେ ଉପେନ୍ଦ୍ର ଭଞ୍ଜ, ଦୀନକୃଷ୍ଣ, ଅଭିମନ୍ୟୁ ଓ କବିସୂର୍ଯ୍ୟାଦି ମଧ୍ୟ ଯୁଗୀୟ ଓ ପ୍ରାଚୀନ କବିମାନଙ୍କ କବିତାର କବି ବିଚ୍ଛନ୍ଦ ଯେଉଁ ଇଂରାଜୀ ଅନୁବାଦ ପ୍ରକାଶ କରିଥିଲେ ତାହା ଭାରତ ସହ ଇଂଲଣ୍ଡ ଓ ଆମେରିକା ଭଳି ଦେଶମାନଙ୍କ ଠାରୁ ଅଜସ୍ର ପ୍ରଶଂସା ଓ ସ୍ୱୀକୃତି ପାଇଥିଲେ। ଏହାର ଶ୍ରେଷ୍ଠତମ ସମ୍ମାନ ତାଙ୍କୁ ଉତ୍କଳ ଗୌରବ ମଧୁସୂଦନ ଦାସ ନିଜେ ପ୍ରାଚୀ ସମିତି ଅଫିସରେ ଆସି ତାଙ୍କ ପ୍ରଶଂସା କରି ଦେଇଥିଲେ।

ମନମତାଣିଆ ରାଗ ରାଗିଣୀରେ କବିତାର ଭାବ ପ୍ରକାଶ ଧାରା ଓଡ଼ିଶାର ବୈଶିଷ୍ଟ୍ୟ। ଇଂରେଜୀ ପଢୁଆ ଶିକ୍ଷିତମାନେ ଏହା ଅବ୍ୟାହତ ନ ରଖିବାରୁ ସ୍ୱର୍ଗତ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ନିଜେ କର୍ମକର୍ତ୍ତା ଥିବା ଉତ୍କଳ ସାହିତ୍ୟ ସମାଜର ସଭାମାନଙ୍କରେ ଶ୍ରାଦ୍ଧ, ଜୟନ୍ତୀ ଓ ସ୍ମୃତି ଉତ୍ସବ ମାନଙ୍କରେ ଛାନ୍ଦ ଓ ରାଗରାଗିଣୀ ଭିତ୍ତିକ ତଥା ଆଧୁନିକ ଭାବଧାରା ସମ୍ବଳିତ ନିଜର କବିତାମାନ ଗାନ କରାଉଥିଲେ ଓ ଏହାର ଭାଷା ଭାବ ତଥା ସଙ୍ଗୀତର ଲାଳିତ୍ୟ ଜନ ମାନସକୁ ଛୁଇଁ ପାରୁଥିଲା। ଉଦାହରଣ - ଗୌରୀଶଙ୍କର ରାୟଙ୍କ ସ୍ମୃତିରେ ୧୯୩୬ରେ ସେ ଲେଖିଲେ-

**'କୁଟିଳ ପଡୋଶୀ ଯେବେ କୂଟଜାଳ ପାତି**
**ଓଡ଼ିଶା ଭାଷା ବିଲୋପେ ବଳାଇଲେ ମତି**
**ଲେଖନୀ- ଅସିରେ ବୀର ! କାଟି ସେ**
**ବାଗୁରା !**
**ବଜାଇଲ ଓଡ଼ିଶାର ବିଜୟ ଡେଙ୍ଗୁରା''**

ଓଡ଼ିଆ ଜାତିକୁ ଗୌରବନ୍ୱିତ କରିଥିବା ଏବଂ ଓଡ଼ିଆ ଭାଷାଲାଗି ସଂଗ୍ରାମ କରିଥିବା ବରପୁତ୍ରମାନଙ୍କୁ ଜାତି ତରଫରୁ ଏପରି ଅନେକ ଅମୂଲ୍ୟ କାବ୍ୟାଞ୍ଜଳି ଦେଇଛନ୍ତି କବି। କବି କଳହଂସ ଗୋପାଳକୃଷ୍ଣଙ୍କ ପାଇଁ ସେ ଲେଖିଲେ-

**'ବର କବି ! ଆହେ ତୁମ୍ଭ ପଦାବଳି**
**ସୁକୁମାର ସଜ ଶେଫାଳୀରୁ ବଳି**
**ଭାଗ୍ୟ ଆଜି ବଡ଼ ଉତ୍କଳର ପୂଜିତ ଦେବତା**
**ଅନ୍ତରର**
**ରାଜିଛ ବାହାରେ ବହିଣ ସୁଦୟା**
**ପୟରେ କରୁଛୁଁ ନିଉଛାଳି**

ଏସବୁ କବିତାର ଅନ୍ୟ ଏକ ବିଶେଷତା ହେଲା ଏହାର କଥା ଆଧୁନିକ ହୋଇଥିଲେ ସୁଦ୍ଧା ଏହାର ବାଖ୍ୟାନ ଶୈଳୀ ପାରମ୍ପରିକ ।

ଦେଶପ୍ରେମ ମୂଳକ ସଙ୍ଗୀତମାନଙ୍କରେ ବିଚ୍ଛନ୍ଦ ଚରଣଙ୍କ ଜନନୀ ଉତ୍କଳ ପ୍ରତି ପ୍ରଗାଢ ମମତାର ନିବିଡ ପରିଚୟ ମିଳେ। ଜନନୀର ଦୁର୍ଦ୍ଦଶାରେ ବିଚ୍ଛନ୍ଦ ଚରଣ ନେତ୍ରରୁ ଲୋତକ ଝରାଇଛନ୍ତି। ଶୋଇ ପଡିଥିବା ଜାତିକୁ ନିଜ ରଚନା ମାଧ୍ୟମରେ ଉଠିବା ପାଇଁ ନିବେଦନ କରିଛନ୍ତି। ୧୯୩୭ରେ ପୁରୁଣା ବର୍ଷକୁ ବିଦାୟ ଦେଇ ନୂଆ ବର୍ଷର ସ୍ୱାଗତ ଉପଲକ୍ଷେ ସେ ଗାଇଲେ-

**'କଳିଙ୍ଗ ଭାରତୀ ଭଣ୍ଡାର ବିଭୂତି**
**ସାରା ବିଶ୍ୱେ କରୁ ଧନୀ**
**ପରାଦ୍ଧ କୋଟି କଣ୍ଠ ଏକସ୍ୱରେ ଉଠୁ**
**ଜୟ ମା ବୀର ଜନନୀ**

ଜାତିର ଗୌରବ, ଜାତିର ପରମ୍ପରା ଓ ଐତିହ୍ୟ ପ୍ରତି ଥିଲା ବିଚ୍ଛନ୍ଦଙ୍କ ବିଶେଷ ଚିନ୍ତା। ସଦା ସର୍ବଦା ନିଜ କବିତାମାନଙ୍କରେ ଜାତିରେ ହଜିଯାଉଥିବା ପରମ୍ପରା ପ୍ରତି ସେ ବ୍ୟସ୍ତ ହେଉଥିଲେ। ଜାତିର ସାହିତ୍ୟ ଓ ସଂସ୍କୃତିର ଅଧୋପତନରେ ପିଡ଼ିତ ହୋଇ ୧୯୪୫ରେ ସେ ଲେଖିଲେ

**'ମା ! କରୁଣା ନାହିଁକି ?**
**ତବ ପୂଜନ-ପୂତ ଭୂଇଁକି ?**
**କବି-କଞ୍ଜବନ ଭଞ୍ଜ ଦେଶରେ ମା !**
**ମୂକ କାହିଁକି ବଲ୍ଲକୀ ?**
**କୃପା-ସୁଧା-ଝରା ଢାଳି ଯୁଗେ ଯୁଗେ**
**ଚିଟା ସତେ ପାଇଲ କି ।୧/୨''**
**ବିଚ୍ଛନ୍ଦ-ଭାଷିତ ଭଞ୍ଜ-ଗରବିତ-**
**ଦେଶ-ଅତୀତ-ଆଣିକି**
**ରଖିବ କି ଅବା କାନ୍ଦିବ ମଉନେ**
**ନୟନୁ ଢାଳି ପାଣିକି ? /୬/**

ଏହି କବିତା ବହୁବାର ଉତ୍କଳ ସାହିତ୍ୟ ସମାଜର ସାରସ୍ୱତ ଉତ୍ସବ ମାନଙ୍କରେ ଗାନ ହୋଇଅଛି। ଏଥିରୁ ସ୍ପଷ୍ଟ ଭାବେ ଜାତିପ୍ରତି ଓ ଜାତିର ସାଂସ୍କୃତିକ ଉତ୍ଥାନ ଲାଗି ତାଙ୍କର ଚିନ୍ତା ଜଣାପଡେ। ମା' ଭାରତୀଙ୍କର ବନ୍ଦନା କରି ସେ ଲେଖିଲେ-

**'' କବି କଞ୍ଜବନ ଭଞ୍ଜ ନିକେତନ ମଞ୍ଜୁଳା**
**ଉତ୍କଳ ମହୀ**
**ତୁମ୍ଭରି କରୁଣା ହେବାରୁ ଗୋ ଉଣା ଗରୁ**
**ବ୍ୟଥା ହୃଦେ ବହି**
**ମା ଭାରତୀ !**
**ସ୍ମରି ଅତୀତର ଅଣି**
**ବିଷାଦରେ ଦୁଃଖୀ ହୋଇ ନତମୁଖି ଗଡାଏ**
**ନୟନୁଁ ପାଣି ''।**

ଏପରି ଜଣେ ରାଷ୍ଟ୍ରବାଦି କବିଙ୍କୁ ଜାତି ଆଜି ସ୍ମରଣ କରିବା ସହା ତାଙ୍କ ଠାରୁ ପ୍ରେରଣା ନେବା ଉଚିତ।

# ଆର୍ଟିକିଲ୍ ୫୧-କ(ଏଚ)



ଅଧ୍ୟାପକ ଗୋପବନ୍ଧୁ
(ଅବସରପ୍ରାପ୍ତ), ଦଶସନ ବିଭାଗ
ବାରିପଦା, ମୟୁରଭଞ୍ଜ,
ମୋ. ୭୦୦୮୯୭୬୧୮୦

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ) ରୂପରେ। ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚୀତ ହୋଇଛି। ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା। ଏହା ସହିତ ଆନୁସାଙ୍ଗିକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ। ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନ୍ୟ ଯେଉଁ ଆନୁସାଙ୍ଗିକ ବିଷୟଗୁଡିକ ଜଡିତ ହୋଇ ରହିଛି। ସେଗୁଡିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ। ବିଜ୍ଞାନ ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ସଂସ୍ଥାପନ କରେ। ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା। ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନକରି ତା ଭିତରର ଗୁଢ ରହସ୍ୟକୁ ଭେଦ କରିବା ଉଚିତ୍। ଏଥିପାଇଁ ତା ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଉଚିତ୍। ଏହାହିଁ ବୈଜ୍ଞାନିକ ଅନୁସନ୍ଧାନ। ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ। ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ। ଏହାହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର।

ବିଜ୍ଞାନ ଓ ପ୍ରଗତି ପରସ୍ପରର ପରିପୂରକ। ଯେଉଁଠାରେ ବିଜ୍ଞାନ ଅଛି ସେଠାରେ ପ୍ରଗତି ଅଛି ଓ ଯେଉଁଠାରେ ପ୍ରଗତି ଅଛି ସେଠାରେ ବିଜ୍ଞାନ ଅଛି। ବିଜ୍ଞାନ କେବଳ ଆର୍ଥିକ ପ୍ରଗତି ଆଣିଛି ତାହା ନୁହେଁ ଏହା ସହିତ ସାମାଜିକ ବିକାଶ କ୍ଷେତ୍ରରେ ମଧ୍ୟ ମୁଖ୍ୟ ଭୂମିକା ଗ୍ରହଣ କରିଛି। ଯେଉଁ ରାଷ୍ଟ୍ରମାନେ ଆଜି ବିକଶିତ, ସେମାନଙ୍କ ବିକାଶ ପଛରେ ରହିଛି ବିଜ୍ଞାନ। ଯେଉଁ ସମାଜ ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ଡେଇଁ ଏକ ନୈତିକତାପୂର୍ଣ୍ଣ ବୌଦ୍ଧିକ ସମାଜ ଆଡକୁ ଅଗ୍ରସର ହୋଇଛି ତାପଛରେ ବୈଜ୍ଞାନିକ ବିଚାରଧାରାର ପ୍ରଚ୍ଛନ୍ନ ହାତ ରହିଛି ବୋଲି ଧରିନେବାକୁ ହେବ। ଅନେକେ ବିଜ୍ଞାନ କହିଲେ କୌଣସି ନୂତନ ଉଦ୍ଭାବନକୁ ବୁଝନ୍ତି। ଏହା କୌଣସି ନୂତନ ଉପାଦେୟ ବସ୍ତୁର ଉଦ୍ଭାବନ ଅଥବା କୌଣସି ବସ୍ତୁ ପ୍ରତିକ୍ରିୟା ସୂତ୍ରର ଆବିଷ୍କାରକୁ ବୁଝିଥାନ୍ତି। ପ୍ରକୃତରେ ଏହା ବିଜ୍ଞାନର ଏକ ଆଂଶିକ ପ୍ରତିଫଳନ। ପ୍ରକୃତ ବିଜ୍ଞାନ ହେଉଛି ସେହି ମାନସିକତା ଯାହା ମାଧ୍ୟମରେ ଜଣେ ନୂତନ ଉଦ୍ଭାବନ ବା ସୂତ୍ରଗତ ଆବିଷ୍କାର ପାଇଁ ପ୍ରେରିତ ହୁଏ। ସମାଜ ବ୍ୟବସ୍ଥା କ୍ଷେତ୍ରରେ ଯାହା ଉତ୍କୃଷ୍ଟତାର ଭାବନାକୁ ଅଙ୍କୁରିତ କରେ।

ଆମ ସମ୍ବିଧାନର ପ୍ରଣେତାମାନେ ଏକ ବିକଶିତ ଓ ସମୃଦ୍ଧ ଭାରତବର୍ଷର ପରିକଳ୍ପନା କରିଥିଲେ। ସେମାନେ ଜାଣିଥିଲେ ଏଦିଗରେ ବିଜ୍ଞାନର ଅବଦାନକୁ ଅଣଦେଖା କରିହେବ ନାହିଁ। ତେଣୁ ସେମାନେ ସମସ୍ତ କ୍ଷେତ୍ରରେ ପ୍ରଗତିଶୀଳ ଭାବନାକୁ ପ୍ରତିଫଳିତ କାରିବାକୁ ଚାହିଁଛନ୍ତି। ବିକଶିତ ରାଷ୍ଟ୍ରମାନଙ୍କ ସହିତ ତାଳଦେଇ ଭାରତ ମଧ୍ୟ କିପରି କ୍ଷୀପ୍ରଭାବେ ଆଗକୁ ବଢିପାରିବ ସେ ବିଷୟରେ ସମ୍ବିଧାନର ପ୍ରଣେତାମାନେ ଚିନ୍ତା କରିଥିଲେ। ସେମାନେ ସମ୍ବିଧାନର ପ୍ରସ୍ତାବନାରେ ଯେଉଁ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ରଖିଛନ୍ତି ତାହା ବୈଜ୍ଞାନିକ ବିଚାରରେ ଆସ୍ଥା ସ୍ଥାପନ ବିନା ପ୍ରାପ୍ତ ହେବା ସମ୍ଭବପର ନୁହେଁ। ପ୍ରସ୍ତାବନା ଅନୁଯାୟୀ ଭାରତୀୟ ଗଣରାଜ୍ୟରେ ନ୍ୟାୟ, ସ୍ୱତନ୍ତ୍ରତା, ସମାନତା ଓ ଭାତୃତ୍ୱଭାବ ସ୍ଥାପନ ପାଇଁ ଯେଉଁ ଲକ୍ଷ୍ୟ ରଖାଯାଇଛି ତାହା ପ୍ରଗତିଶୀଳ ଭାବନା ବିନା ସମ୍ଭବ ନୁହେଁ ଓ ପ୍ରଗତିଶୀଳ ଭାବନା ବିଜ୍ଞାନ ବିନା ସମ୍ଭବପର ନୁହେଁ। ଯେଉଁମାନେ ସମ୍ବିଧାନ ରଚନା ଦାୟିତ୍ୱରେ ଥିଲେ ସେମାନଙ୍କ ମଧ୍ୟରୁ ଅନେକେ ବୈଜ୍ଞାନିକ ବିଚାରର ଅନୁଗାମୀ ଥିଲେ। ସେମାନଙ୍କ ଉଚ୍ଚଶିକ୍ଷା ବିଦେଶରେ ହୋଇଥିଲା। ବିଶ୍ୱ ଜନସମୁଦାୟ ଓ ବିଶ୍ୱ ରାଜନୈତିକ ପରିସ୍ଥିତି ସମ୍ବନ୍ଧରେ ତାଙ୍କ ନିକଟରେ ଯଥେଷ୍ଟ ଜ୍ଞାନ ଥିଲା।

ସମ୍ବିଧାନର ପଶ୍ଚାତରେ ଲୁକ୍କାୟିତ ଥିବା ବିଜ୍ଞାନ ପ୍ରତି ଆଗ୍ରହ ବିଧିବଦ୍ଧଭାବେ ୧୯୭୬ ମସିହାରେ ୪୨ତମ ସଂଶୋଧନ ମାଧ୍ୟମରେ ସମ୍ବିଧାନରେ ସ୍ଥାନିତ ହେଲା ଆର୍ଟିକିଲ ୫୧-କ(ଏଚ) ରୂପରେ। ଏହା ସମ୍ବିଧାନର ନିର୍ଦ୍ଦେଶିତ ନିୟମରେ ମୌଳିକ କର୍ତ୍ତବ୍ୟ ରୂପେ ସୂଚୀତ ହୋଇଛି। ଯେଉଁଥିରେ କୁହାଯାଇଛି ଯେ ପ୍ରତ୍ୟେକ ନାଗରିକର ମୌଳିକ କର୍ତ୍ତବ୍ୟ ହେଉଛି ବୈଜ୍ଞାନିକ ଆଭିମୁଖ୍ୟର ବିକାଶ ଘଟାଇବା। ଏହା ସହିତ ଆନୁସାଙ୍ଗିକ ଭାବେ ମାନବିକତାର ବିକାଶ, ଅନୁସନ୍ଧାନ ପ୍ରତି ଆଗ୍ରହର ବିକାଶ ଓ ସଂସ୍କାର ମୂଳକ କାର୍ଯ୍ୟକ୍ରମକୁ ପ୍ରୋତ୍ସାହିତ କରିବାକୁ ମଧ୍ୟ ଏହାର ଅନ୍ତର୍ଗତ କରାଯାଇଛି। ଏହା ଏକ କ୍ରାନ୍ତିକାରୀ ପଦକ୍ଷେପ ଭାରତବର୍ଷକୁ ଆଧୁନିକତାର ମାର୍ଗରେ ପରିଚାଳିତ କରିବା ପାଇଁ। ସମସ୍ତ ନାଗରିକ ବିଜ୍ଞାନର ଅନୁଗାମୀ ହେବା ଓ ଜୀବନର ପ୍ରତ୍ୟେକ ସୋପାନରେ ବିଜ୍ଞାନକୁ ପ୍ରତିଫଳିତ କରିବା ଏକ ଯୁଗାନ୍ତକାରୀ ପଦକ୍ଷେପ। ଅନ୍ୟ ଯେଉଁ ଆନୁସାଙ୍ଗିକ ବିଷୟଗୁଡିକ ଜଡିତ ହୋଇ ରହିଛି। ସେଗୁଡିକ ବିଜ୍ଞାନ ପ୍ରତି ଅଙ୍ଗୀକାରବଦ୍ଧତାରୁ ନିସୃତ। ବିଜ୍ଞାନ ବିଜ୍ଞାନସମ୍ମତ ସାମାଜିକ ବ୍ୟବସ୍ଥାକୁ ସଂସ୍ଥାପନ କରେ। ଏପରି ସମାଜର ମୂଳ ଆଧାର ହେଉଛି ମାନବିକତା। ମନୁଷ୍ୟ କୌଣସି ବିଷୟକୁ ଅନ୍ଧଭାବେ ଅନୁସରଣ ନକରି ତା ଭିତରର ଗୁଢ ରହସ୍ୟକୁ ଭେଦ କରିବା ଉଚିତ୍। ଏଥିପାଇଁ ତା ଭିତରେ ଥିବା ଜାଣିବାର ଆଗ୍ରହ ଜାତ ହେବା ଉଚିତ୍। ଏହାହିଁ ବୈଜ୍ଞାନିକ ଅନୁସନ୍ଧାନ। ଏହା ମଧ୍ୟ ତାକୁ ସଂସ୍କାରବାଦୀ କରାଏ। ପୁରାତନ ନିକୃଷ୍ଟତାରୁ ନୂତନ ଉତ୍କୃଷ୍ଟତାକୁ ବାଟ କଢ଼ାଏ। ଏହାହିଁ ସାମାଜିକ ପରିବର୍ତ୍ତନର ମୂଳ ଆଧାର।

ଭାରତୀୟ ସମାଜ ସମ୍ପୂର୍ଣ୍ଣରୂପେ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ହୋଇଛି ବୋଲି କୁହାଯାଇ ପାରିବ ନାହିଁ। ଏବେବି ଗାଁ ଗହଳିରେ ଗୁଣି-ଗାରେଡ଼ି, ଡାହାଣୀ-ଚିରଗୁଣୀ, ତୁଟକା-ଛଡାଣ ପରି ଅନେକ ପ୍ରକାରର ଅନ୍ଧବିଶ୍ୱାସ ପରିବ୍ୟାପ୍ତ। ଦୈନନ୍ଦିନ ଖବର କାଗଜରେ ଡାହାଣୀ ସନ୍ଦେହରେ ହତ୍ୟା, ଗୁଣିଆ ସନ୍ଦେହରେ ହତ୍ୟା, ଝଡାଫୁଙ୍କା ଉପରେ ବିଶ୍ୱାସ କରି ମୃତ୍ୟୁବରଣ କରିବା ପରି ବିଷୟ ପ୍ରସାରିତ ହେଉଛି। ସେହିପରି ଅନେକ ପ୍ରକାର କୁସଂସ୍କାର ସମାଜରେ ରହିଛି। ବାଲ୍ୟବିବାହ, ଅନର କିଲିଙ୍ଗ, ପଶୁବଳି ଏପରିକି ନରବଳି ପରି ଅନେକ କୁସଂସ୍କାର ସମାଜରେ ରହିଛି। ଅନେକ ଉଚ୍ଚଶିକ୍ଷିତ ଅନ୍ଧବିଶ୍ୱାସ ଓ କୁସଂସ୍କାରରୁ ମୁକ୍ତ ନୁହଁନ୍ତି। ପରିତାପର ବିଷୟ ଯେ ଏମାନଙ୍କ ଭିତରୁ କିଛି ଏଗୁଡିକର ଯଥାର୍ଥତା ସପକ୍ଷରେ ଯୁକ୍ତି ବାଢନ୍ତି। ଭାରତୀୟ ସମାଜରେ ଥିବା ଜାତିବ୍ୟବସ୍ଥା ଉଭୟ ଅନ୍ଧବିଶ୍ୱାସ ଓ କୁସଂସ୍କାରର ମିଳିତ ପରିପ୍ରକାଶ। ବୈଜ୍ଞାନିକ ଚେତନାର ବିକାଶ ଓ ମାନବୀୟ ମୂଲ୍ୟବୋଧର ପ୍ରସାର ମାଧ୍ୟମରେ ଏହାକୁ ହଟାଯାଇ ପାରିବ। ସେହିପରି ଧାର୍ମିକ ମୌଳବାଦ ବାରମ୍ବାର ଆତ୍ମପ୍ରକାଶ କରୁଛି। ସାମଗ୍ରୀକ ଭାବେ ସମାଜ ବିଜ୍ଞାନର ଅନୁଗାମୀ ହେଲେ ଓ ବୈଜ୍ଞାନିକ ଚେତନାର ବଶବର୍ତ୍ତୀ ହେଲେ ଯେଉଁ ସଂକୀର୍ଣ୍ଣତାରୁ ମୌଳବାଦ ଜାତହୁଏ, ତାହା ଆପେ ଦୂରେଇଯିବ।

ସମ୍ବିଧାନରେ ସଂଯୋଜିତ ଏହି ମୌଳିକ କର୍ତ୍ତବ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚୀତ କରେ। ଏହାର ପାଳନ ଏକ ପ୍ରଗତିଶୀଳ ରାଷ୍ଟ୍ର ଗଠନର ମାର୍ଗକୁ ଉନ୍ମୁକ୍ତ କରେ। ଦେଶକୁ ତଥା ସମାଜକୁ ମଧ୍ୟଯୁଗୀୟ ସଂକୀର୍ଣ୍ଣ ଭାବନାରୁ ବାହାର କରି ଆଧୁନିକତା ଆଡକୁ ନେଇ ଯିବାର ଅଭିପ୍ରାୟ ରଖେ। ଏକ ଐକ୍ୟବଦ୍ଧ, ନ୍ୟାୟପୂର୍ଣ୍ଣ, ସମତାଭିତ୍ତିକ ଓ ଭାତୃତ୍ୱଭାବ ଉପରେ ପ୍ରତିଷ୍ଠିତ ଏକ ନୂଆ ସମାଜର ପରିକଳ୍ପନା କରେ। ଉଚ୍ଚତର ବୈଜ୍ଞାନିକ ଚେତନାର ସ୍ଥାପନ ଦ୍ୱାରା ଏହା ସମ୍ଭବପର। ଏ ମୌଳିକ କର୍ତ୍ତବ୍ୟ କେବଳ ନାମକୁ ନୁହେଁ, ଏହା କାମକୁ। ସମ୍ବିଧାନରେ ସ୍ଥାନିତ ଏହି ନିର୍ଦ୍ଦେଶନାକୁ ପ୍ରତ୍ୟେକ ନାଗରିକ ଆନ୍ତରିକତାର ସହିତ ପାଳନ କରିବା ଉଚିତ୍ ଓ ଦେଶକୁ ଏକ ଉନ୍ନତ ଶିଖରକୁ ନେଇଯିବା ପାଇଁ ପ୍ରଚେଷ୍ଟା କରିବା ଉଚିତ୍। ଧାରା ୫୧-କ(ଏଚ)ର ବ୍ୟାପକ ପ୍ରଚାର ଓ ପ୍ରସାର ସମୟର ଆବଶ୍ୟକତା ଅଟେ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : **ଜୟାଶୀଷ ରାୟ**



ଅଧ୍ୟାପିକା ବସନ୍ତ ମଞ୍ଜରୀ ମିଶ୍ର



# ସମ୍ପର୍କ ନୁହେଁ ବାଲିଘର

କଥାରେ ଟିକେ ଲଗାମ ଦେ..... କଣ ଏମିତି ଯାଡୁ ସ୍ୟାଡୁ ଗପିଯାଉଛୁ । ତୁ ବୋଧେ ଭୁଲି ଯାଉଛୁ ଉର୍ମି, ଯେଉଁମାନଙ୍କ ନାଁରେ ତୁ ଏମିତି ଅନର୍ଗଳ ଅଭିଯୋଗ କରିଚାଲିଛୁ, ସେମାନେ ତୋ ବାପା ମା' ଓ ଭାଇ ଭଉଣୀ । ମଥାରେ ସିନ୍ଦୁର ଓ ହାତରେ ଶଙ୍ଖା ପିନ୍ଧି ଯେଉଁ ଘରକୁ ତୁ ବୋହୂ ହୋଇଯାଇଛୁ ଏଠୁ ଏଣିକି ସେମାନେ ତୋର ସବୁ କିଛି । ଟିକେ ମଥାପତି ତାଙ୍କର ଆଦେଶ ଉପଦେଶକୁ ମାନିନେଲେ ତୁ ହୋଇଯିବୁ ସୁନା ବୋହୂ । ଏକା ନିଃଶ୍ୱାସରେ ଏତେ ଗୁଡ଼ିଏ କଥା କହିଗଲେ ସୁମତି ଦେବି ।

ଆଉ କିଛି ଉତ୍ତର ନଦେଇ ଫୋନ୍‌ଟା କାଟିଦେଲା ଉର୍ମି, ତାଙ୍କର ଏକ ମାତ୍ର ଅଲିଅଳି ଝିଅ । ଏଇ ଦୁଇ ମାସ ତଳେ ସେ ବାହା ହୋଇଛି । ସଂସାର ନାଆରେ ପାଦ ଦେଉ ଦେଉ ପାଦ ତାର ବାରମ୍ବାର ଖସିଯାଉଛି । ନୂଆ ଲୋକ ଆଉ ନୂଆ ପରିବାର ସହ ଖାପ ଖୁଏଇ ଚଳିବାକୁ ଟିକେ ଅସୁବିଧା ହେଉଛି । ଆଉ ସେଇ ଅଡୁଆ ଭିତରେ ସମାଧାନର ସୂତ୍ର ପାଇବାକୁ ସେ ବାରମ୍ବାର ତା ମମି ସୁମତି ଦେବିଙ୍କୁ ଫୋନ୍ କରୁଛି ।

କିନ୍ତୁ ସୁମତି ଦେବି ଭଲ ଭାବରେ ବୁଝି ଯାଇଛନ୍ତି ଯେ, ଉର୍ମିର ବୈବାହିକ ଜୀବନର ନୌକାକୁ ତା ଗନ୍ତବ୍ୟ ପଥରେ ବାହି ନେବାକୁ ହେଲେ, ମା' ହିସାବରେ ତାଙ୍କୁ ତାଗିଦ କରିବାକୁ ପଡିବ । ମନର ସବୁ କୋହକୁ ଚାପି ରଖି ନଡ଼ିଆ ଭଳି କଠୋର ହେବାକୁ ପଡିବ ।

କାଲି ପରି ଲାଗୁଛି, ପ୍ରଥମ କରି ତାଙ୍କୁ ମାତୃତ୍ୱ ହେବାର ଗୌରବ ଆଣି ଦେଇଥିଲା, ଉର୍ମି । ଉର୍ମି ଜନ୍ମ ହେବାପରେ ଖୁସିରେ ଆତ୍ମ ବିଭୋର ହୋଇଯାଉଥିଲେ ସ୍ୱାମୀ ଅବିନାଶ ବାବୁ । ଆମ ଘରକୁ ଲକ୍ଷ୍ମୀ ଆସିଛି କହି ଚାରିଆଡେ ମିଠା ବାଣ୍ଟିଥିଲେ । ହସ୍ପିଟାଲ ବେଡ୍‌ରେ ଥିବା ସୁମତିଙ୍କ ହାତ ଦୁଇଟିକୁ ଚାପି ଧରି କହିଥିଲେ- 'ଅନେକ ଅନେକ ଧନ୍ୟବାଦ ସୁମତି ଆଜି ମୁଁ ବାପା ହୋଇଗଲି ।'

ଏଇ ଭିତରେ ସମୟ ବଦଳି ଯାଇଛି । ତାଙ୍କ ପରିବାରର ସେଇ ଚପଳମତି ଝିଅ ଆଜି ଚୌଧୁରୀ ବଂଶର ବୋହୂ । ବାହାଘର ପରଦିନ ଝିଅ ବିଦା ବେଳେ ତାଙ୍କୁ ଲାଗୁଥିଲା ଯେମିତି ସେ ତାଙ୍କ ଛାତିରୁ କଲିଜାଟା କାଢି ଆଉ କାହାକୁ ଦାନ କରିଦେଉଛନ୍ତି ।

ସାଇପଡିଶା ସ୍ୱାମୀ ଯେତେ ବୁଝେଇଲେ ବି ଆଖିରୁ ଲୁହଧାର ଶୁଖୁ ନଥିଲା । ତାଙ୍କର ଦଶ ମାସ ଦଶ ଦିନ ଗର୍ଭରେ ଧରି ଏଡିକିରୁ ଏଡୁଟିଏ କରିଥିବା ବାପା ମା' କେମିତି କେଜାଣି ମାତ୍ର କେଇ ମୁହୂର୍ତ୍ତରେ ବ୍ରାହ୍ମଣର ମନ୍ତ୍ର ପାଠ ଭିତରେ ଟୋପାଏ ସିନ୍ଦୁର ଆଉ ଦୁଇପଟ ଶଙ୍ଖା ପାଇଁ ସବୁଦିନ ପାଇଁ ପର ହୋଇଯାନ୍ତି ଏକଥା ଭାବୁଥିଲେ ସେ ।

ସ୍ୱାମୀ ଅବିନାଶ ଘର ଭିତରକୁ ପଶି ଆସୁ ଆସୁ ସୁମତିଙ୍କର ଲୁହ ଭିଜା ଆଖି ଦି'ଟାକୁ ଦେଖି ପକାଇ ପ୍ରଶ୍ନ କଲେ- ଉର୍ମି ଫୋନ୍ କରିଥିଲାକି ତୁମକୁ ?

- ହଁ.... କହୁଥିଲା ସେ ସେଠି ଖାପ ଖୁଏଇ ଚଳି ପାରୁନି । ତା ଶାଶୁଘର ଲୋକମାନଙ୍କ ମାନସିକତା ସହ ସେ ସାଲିସ କରିପାରୁନି କାନ୍ଦି କାନ୍ଦି କହୁଥିଲା - 'ମୁଁ ତୁମ ପାଖକୁ ଯିବି ମମି' ।

ଟିକେ ରହି ଅବିନାଶ କହିଲେ- ଏସବୁ ଆଜିକାଲିର ଅତି ସାଧାରଣ କଥା । ଧୀରେ ଧୀରେ ସବୁ ଠିକ୍ ହୋଇଯିବ । ବର୍ତ୍ତମାନର ଯୁବ ପିଢ଼ି ଆଉ ଆମ ପିଢ଼ି ଭିତରେ ବଡ ମତଭେଦ ରହିଯାଉଛି । ଏ କଥା ଉଭୟଙ୍କୁ ବୁଝିବା ଦରକାର । ସମୟ ହିଁ ଧୀରେ ଧୀରେ ସବୁ ଠିକ୍ କରିଦେବ ।

ସୁମତିଙ୍କ ମନକୁ ଟିକେ ହାଲୁକା କରିବାକୁ ଯାଇ କହିଲେ- ଚାଲ ଟିକେ ପାର୍କ ଆଡୁ ବୁଲି ଆସିବା ।

ପାର୍କରେ ପହଞ୍ଚି ପଡିଶା ଘର ମଞ୍ଜୁ ଦେବି ଓ ତାଙ୍କ ଝିଅ ଅଞ୍ଜଳିକୁ ଦେଖି ଖୁସି ହୋଇଗଲେ ସୁମତି । ଅଞ୍ଜଳି ଓ ତାଙ୍କ ଝିଅ ଉର୍ମି ଘନିଷ୍ଠ ସାଙ୍ଗ । ତେଣୁ ଅଞ୍ଜଳିକୁ ବହୁତ ଭଲପାନ୍ତି ସୁମତି ଦେବି ।

ଅଞ୍ଜଳି ଆଡକୁ ଚାହିଁ ମଞ୍ଜୁ ଦେବିଙ୍କୁ ପଚାରିଲେ- ଇଏ କେବେଠୁ ଆସିଛି ? ତା ଶାଶୁ ଘରେ ସବୁ ଭଲ ତ ?

ତାଙ୍କ ପାଟିରୁ କଥା ଛଡ଼େଇ ନେଇ ମଞ୍ଜୁ ଦେବି କହିଲେ- ନିହାତି ବାଜେ ଲୋକ ଗୁଡ଼ାକ । ସବୁବେଳେ ମୋ' ଝିଅକୁ ଖଟାଉଛନ୍ତି । ଝିଅ ମୋର କାମ କରି କରି ଦୁର୍ବଳ ହୋଇଗଲାଣି । ପ୍ରାୟ ଦୁଇ ମାସ ହେବ ତାକୁ ଆଣି ମୁଁ ମୋ ପାଖରେ ରଖିଛି ।

ସ୍ମିତ ହସି ସ୍ୱଗତକ୍ତି କଲେ ସୁମତି । ଏଇଟା ଆଦୌ ଭଲ କଥା ନୁହେଁ । ବାହାଘର ପରେ ଝିଅକୁ ଆଣି ପାଖରେ ରଖିବ, ଆଉ ତା ସାମ୍ନାରେ ତା ଶାଶୁଘର ଲୋକଙ୍କୁ ନିହାତି ବାଜେ ଲୋକ କହିବା ଆଦୌ ଠିକ୍ କଥା ନୁହେଁ । ଏହା ଆମର ପରମ୍ପରା ନୁହେଁ । କିନ୍ତୁ ମୁହଁ ସାମ୍ନାରେ କିଛି ଯୁକ୍ତି ନକରି ଚାଲି ଆସିଲେ ସେ ।

ଯା ଭିତରେ ଦୁଇ ବର୍ଷ ବିତିଯାଇଛି । ଉର୍ମି ଏବେ ଏକ ପୁତ୍ର ସନ୍ତାନର ଜନନୀ । ସମୟ ଗଡି ଚାଲିବା ସହିତ ସୁଖୀ ଦାମ୍ପତ୍ୟ ଜୀବନର ମୂଳ ମନ୍ତ୍ର ବୋଧେ ଶିଖି ଯାଇଥିଲା ଉର୍ମି । ଆଉ ଆଗଭଳି କଥା କଥାକେ ଫୋନ୍ କରୁନଥିଲା ।

ନିଜ ସଂସାର ଜଞ୍ଜାଳରେ ବୁଡି ରହୁଥିଲା ସେ । ଧୀରେ ଧୀରେ ଦାୟିତ୍ୱବୋଧ ବଢ଼ି ଯାଇଥିଲା ତାର । ମଝିରେ ମଝିରେ ସ୍ୱାମୀ ଓ ପୁଅଙ୍କୁ ନେଇ ବୁଲି ଆସୁଥିଲା ସେ । ଉଭୟ ସ୍ୱାମୀ ସ୍ତ୍ରୀଙ୍କର ହାବ ଭାବ ଦେଖି ସୁମତି ଦେବି ବେଶ୍ ଅନୁମାନ କରିପାରୁଥିଲେ ଉର୍ମିର ସୁଖୀ ଦାମ୍ପତ୍ୟ ଜୀବନକୁ ।

ସେଦିନ ହଠାତ୍ ଉର୍ମି ଓ ଜ୍ୱାଇଁ ଆସି ପହଞ୍ଚିଗଲେ । ଘର ଭିତରକୁ ପଶୁ ପଶୁ ସୁମତି ଦେବିଙ୍କୁ ଚାହିଁ କହିଲା- ମମି ତୁମେ ଜଲ୍‌ଦି ବାହାରିପଡ଼ । ଆଜି ଆମେ ସମସ୍ତେ ମିଶି ବାଲି ହରଚଣ୍ଡୀ ଦର୍ଶନ କରିବାକୁ ଯିବା ।

ମନ୍ଦିରରେ ପୂଜାର୍ଚ୍ଚନା ସାରି ବାହାରକୁ ଆସୁ ଆସୁ ହଠାତ୍ ଉର୍ମିର ଆଖି ପଡିଲା ତା ପ୍ରିୟ ବାନ୍ଧବୀ ଅଞ୍ଜଳି ଓ ମଞ୍ଜୁ ମାଉସୀଙ୍କ ଉପରେ । ଦୌଡିଯାଇ କୁଣ୍ଢେଇ ପକେଇଲା ଅଞ୍ଜଳିକୁ । କେମିତି ଅଛୁ ଅଞ୍ଜଳି ?

କିଛି ବି ଭଲନାହିଁ ଲୋ ଉର୍ମି କହି କାନ୍ଦି ପକେଇଲା ଅଞ୍ଜଳି । ମୋର ବିବାହ ବିଚ୍ଛେଦ ହୋଇଯାଇଛି । ମୁଁ ଏବେ ଆମ ଘରେ ରହୁଛି । ମୋ ଶାଶୁ ଘର ଲୋକଙ୍କ ସହ ଚଳିପାରିଲିନି । କଥା କଥାରେ ଝଗଡ଼ା ହେଲା । ବାଧ ହୋଇ ଆମେ ଅଲଗା ହୋଇଗଲୁ । ଯାଙ୍କର ବି ସବୁ ପରାମର୍ଶ ତାଙ୍କ ମା' ହିଁ ଦିଅନ୍ତି ।

ବିଫଳ ବୈବାହିକ ଜୀବନ ବର୍ଣ୍ଣନା କରୁ କରୁ ଉର୍ମି ଓ ତା ପୁଅ ଆଡକୁ ଚାହୁଁଥିଲା କିଂକର୍ତ୍ତବ୍ୟମୁଢ ଭାବରେ । ଆଖିର ଲୁହ ଆଉ ମନର କୋହକୁ ଯେତେ ଲୁଚାଇବାକୁ ଚେଷ୍ଟା କଲେବି ପ୍ରିୟ ବାନ୍ଧବୀର ଅତ୍ମୀୟତା ଆଗରେ ଅମାନିଆ ହୋଇ ଝରି ପଡୁଥିଲା ଲୁହ ବିନ୍ଦୁ ଗୁଡିକ ।

ଅଳ୍ପ ଦୂରରେ ଠିଆ ହୋଇ ସବୁ ଶୁଣୁ ଥିଲେ ସୁମତି ଦେବି । ମନରେ ତାଙ୍କର ଉଙ୍କି ମାରୁଥିଲା ଅନେକ ଅକୁହା ପ୍ରଶ୍ନ । ଅଞ୍ଜଳି ଭଳି ଝିଅମାନଙ୍କର ବୈବାହିକ ଜୀବନର ବିଫଳତା ପଛରେ ମଞ୍ଜୁ ଦେବି ଭଳି ମା' ମାନଙ୍କର ଯେ କେତେ ବଡ଼ ଭୂମିକା ରହୁଛି ଜଣେ ନାରୀ ହୋଇବି ଏକଥା ପ୍ରତିଟି ମା' ବୁଝି ପାରୁ ନାହାନ୍ତି କେମିତି ! ସ୍ନେହ ମମତାର ଆଳ ଦେଖାଇ ନିଜ ଝିଅର ପ୍ରତ୍ୟେକଟି ଭୁଲ୍‌କୁ ପ୍ରଶ୍ରୟ ଦେଇ ତା ବୈବାହିକ ଜୀବନକୁ ସବୁଦିନ ପାଇଁ ଅନ୍ଧକାରାଛନ୍ନ କରିଦେବ କେମିତି ଜଣେ ମା'ର ମମତା ହୋଇପାରେ ଏଇଆ ଭାବୁଥିଲେ ସେ ।

ଗାଡ଼ି ଷ୍ଟାର୍ଟ କରୁ କରୁ ଜ୍ୱାଇଁ ଉମେଶ ଶ୍ୱଶୁର ଅବିନାଶ ବାବୁଙ୍କୁ ଚାହିଁ କହୁଥିଲେ- ଗାଡ଼ିରେ ବସନ୍ତୁ ବାପା । ଫେରିବା ଏଥର । ଆପଣଙ୍କୁ ଘରେ ଛାଡି ଆମକୁ ଫେରିବାକୁ ହେବ । ଆମକୁ ସମସ୍ତେ ଅପେକ୍ଷା କରିଥିବେ । ଆମେ ପହଞ୍ଚିଲା ପରେ ହିଁ ସମସ୍ତେ ଏକାଠି ରାତ୍ରି ଭୋଜନ କରିବୁ ।

*ତାଳଚେର ଥର୍ମାଲ*
*ମୋ: ୯୮୬୧୧୯୨୪୪୫*



# ପାଇଛୁ... ପଢ଼ିଛୁ...



## ଅନୁଭୂତି ଓ ଆତ୍ମଲିପି

ପ୍ରକାଶ ପାଇଛି ସୁଦର୍ଶନ ନାୟକଙ୍କ ଆତ୍ମଜୀବନୀ ପୁସ୍ତକ 'ଅନୁଭୂତି ଓ ଆତ୍ମଲିପି' । ଏହି ପୁସ୍ତକରେ ଶ୍ରୀ ନାୟକ ଅତ୍ୟନ୍ତ ନିଷ୍ଠାର ସହ ନିଜ ପିଲାବେଳୁ ଅନୁଭବ କରିଥିବା ଏବଂ ଭୋଗିଥିବା ଘଟଣା ସବୁକୁ ସ୍ମୃତିର ଅଥଳ ଗର୍ଭରୁ ସାଉଁଟି ଆଣି ପାଠକଙ୍କ ସାମନାରେ ଉପସ୍ଥାପନା କରିଛନ୍ତି। ସେ ଖୁବ୍ ସୁନ୍ଦର ଭାବେ ଘଟଣା ସମୂହର ବର୍ଣ୍ଣନା କରିଛନ୍ତି ଯାହା ପାଠକଙ୍କୁ ଭାବଗର୍ଭକ ଏବଂ ଆନନ୍ଦଦାୟକ ମନେ ହେବ। ଏହି ଆତ୍ମଜୀବନୀଟି ପଢିଲେ ଲାଗିବ ସତେ ଯେମିତି ପାଠକ ପିଲାଦିନକୁ ଫେରି ଯାଇଛନ୍ତି। ସେଇଠି ନିଜକୁ ସେ ଆବିଷ୍କାର କରୁଛନ୍ତି ବାଲ୍ୟ ଅବସ୍ଥାରେ ସ୍କୁଲ ଯିବା ଭୟରେ ମାଟୁ ଉପରେ ଲୁଚି ଜେଜୀମାଆର ଆଚାର ଓ ଘିଅ ଖାଉଥିବା ମଧୁର ସମୟକୁ। ଧୀରେ ଧୀରେ ଲେଖକ ବଡ଼ ହୋଇଛନ୍ତି । ପିଲାଦିନ, ଚାକିରି ଜୀବନ, ବୈବାହିକ ଜୀବନ, ଅବସର ଜୀବନକୁ ନେଇ ଖୁବ୍ ସୂକ୍ଷ୍ମ ଭାବେ ଅନୁଶୀଳନ କରି ସେ ପାହାଚ ପରେ ପାହାଚ ସଜାଡି ଲେଖିଛନ୍ତି। ସେ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକ ଏବଂ ଟିକସ ଆଇନରେ ଡିପ୍ଲୋମା ସହିତ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଆଇନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ସଚିବାଳୟ ଆଇନ ବିଭାଗରେ ତାଙ୍କର ଚାକିରି ଜୀବନ ଆରମ୍ଭ କରି ସେହି ବିଭାଗର ଶାସନ ଯୁଗ୍ମ ସଚିବ ପଦବୀକୁ ପଦୋନ୍ନତି ପାଇଥିଲେ। ଆଇନ ସେବାରୁ ସେ ଭାରତୀୟ ପ୍ରଶାସନିକ ସେବାକୁ ପଦୋନ୍ନତି ପାଇଥିଲେ। ଆଇନ ବିଭାଗରେ ସେ ଯେପରି ନିଷ୍ଠାର ସହ କାର୍ଯ୍ୟ କରୁଥିଲେ ଜିଲ୍ଲାପାଳ ହେଲା ପରେ ମଧ୍ୟ ସେହିପରି ଲୋକ ହିତକର କାର୍ଯ୍ୟମାନ ହାତକୁ ନେଇ ତାକୁ ସଂପନ୍ନ କରୁଥିଲେ। ଆଇନ ସେବାରୁ ଭାରତୀୟ ପ୍ରଶାସନିକ ପଦୋନ୍ନତି ପାଇବାରେ ସେ ହେଉଛନ୍ତି ଦେଶରେ ପ୍ରଥମ ବ୍ୟକ୍ତି। ନିଜର ଜ୍ଞାନ, ଦକ୍ଷତା, ନିଷ୍ଠାପରତା, କର୍ମକୁଶଳତା ପାଇଁ ସେ ସବୁ ମହଲରେ ଉଚ୍ଚପ୍ରଶଂସିତ ହୋଇଛନ୍ତି। ପ୍ରତି କାର୍ଯ୍ୟରେ ଯଦିଓ ସେ ପ୍ରଥମେ ବିରୋଧର ସମ୍ମୁଖୀନ ହୋଇଛନ୍ତି ଏବଂ ଉଚ୍ଚ ପଦସ୍ଥ ଅଧିକାରୀଙ୍କ ସହ ତାଙ୍କ ସଂପର୍କ ତିକ୍ତ ହୋଇଛି ମାତ୍ର ଗୁଣ ଚିହ୍ନେ ଗୁଣିଆ ପରି ତାଙ୍କର କାର୍ଯ୍ୟକଳାପ ପରବର୍ତ୍ତୀ ସମୟରେ ସେହିମାନଙ୍କୁ ପ୍ରଭାବିତ କରିଛି ଓ ସେମାନେ ତାଙ୍କୁ ବୁଝିବାରେ ସକ୍ଷମ ହୋଇଛନ୍ତି। ସୁଦର୍ଶନ ସାଧାରଣ ଜନତା କିପରି ସୁଖଶାନ୍ତିରେ ରହିବେ ସେହି ଚିନ୍ତା ସବୁବେଳେ କରିଆସିଛନ୍ତି ଏବଂ ସେହି ଅନୁସାରେ କାମ କରୁଥିଲେ। ବିନା କାମରେ ସରକାରୀ ତହବିଲରୁ ଖର୍ଚ୍ଚ କରୁଥିବା ଟଙ୍କା ଉପରେ ରୋକ ଲଗାଇ ଅନେକ ସ୍ୱାର୍ଥନ୍ୱେଷୀଙ୍କ ରୋଷର ଶିକାର ହୋଇଛନ୍ତି। ଜିଲ୍ଲାପାଳ ହେଲାପରେ ଗାଁ ଗାଁ ବୁଲି ଲୋକଙ୍କ ସୁବିଧା ସୁଯୋଗ ଉପରେ ଧ୍ୟାନ ଦେଇ ଅନେକ ଜନହିତକର କାର୍ଯ୍ୟକ୍ରମର ଧାରା ଆରମ୍ଭ କରିଛନ୍ତି। ମାତୃଭୂମିର ଜଣେ ଉପଯୁକ୍ତ ଦାୟାଦ ହିସାବରେ ତାଙ୍କର ପଟାନ୍ତର ନାହିଁ। ତାଙ୍କୁ ପାଇ ଦେଶ ନିଶ୍ଚିତ ଭାବେ ଗର୍ବିତ। ବହିଟି ପାଠ କଲେ ତାଙ୍କ ନିଷ୍କପଟ ସ୍ୱୀକାରୋକ୍ତି ଅନ୍ୟମାନଙ୍କୁ ପ୍ରେରିତ କରିବ। ବନ୍ଧୁଘର ସାହିତ୍ୟ ପିଣ୍ଡା ପ୍ରକାଶନ ସଂସ୍ଥା ଦ୍ୱାରା ପ୍ରକାଶିତ ୧୭୬ ପୃଷ୍ଠାର ଏହି ବହିଟିର ମୂଲ୍ୟ ରହିଛି ମାତ୍ର ୨୦୦ ଟଙ୍କା।

## ସମାରୋହ



ପ୍ରକାଶ ପାଇଛି ଡିସେମ୍ବର ମାସର ସମାରୋହ। ଅନ୍ୟ ସଂଖ୍ୟା ପରି ଏଥରର ସଂଖ୍ୟା ମଧ୍ୟ ବେଶ୍ ସମୃଦ୍ଧ ହୋଇଛି। ଏହି ସଂଖ୍ୟାରେ ପ୍ରବନ୍ଧରେ ଅଛନ୍ତି ଅଧ୍ୟାପକ ପବିତ୍ର ମୋହନ ବାରିକ। କଥା ଓ କାହାଣୀରେ ଅଛନ୍ତି ଡ. ତ୍ରିନାଥ ପଟ୍ଟନାୟକ, ମନୋଜ କୁମାର ବେହେରା , କମଳ କୁମାରୀ ଦାଶ, ଅର୍ଜୁନ ଦାସ, ବୀରେଶ୍ୱର ମହାନ୍ତି, ସୁବାସିନୀ ଧଳ ଏବଂ ଅର୍ଜୁନ ପୃଷ୍ଟି। କବିତାରେ ଅଛନ୍ତି ରମାକାନ୍ତ ଜେନା, ବିଷ୍ଣୁ ମୋହନ, କିଶୋର ମିଶ୍ର, ରମେଶ ଚନ୍ଦ୍ର ସାହୁ, ଗୀତା ଦାସ, ଅକ୍ଷୟ ପାତ୍ର, ଡ. ବେଣୁଧର ପାଣିଗ୍ରାହୀ, ଚକ୍ରଧର ପଣ୍ଡା, ସୁଜିତ କୁମାର ମିଶ୍ର ପ୍ରମୁଖ। ଧାରାବାହିକ ଉପନ୍ୟାସରେ ଅଛନ୍ତି ଡାକ୍ତର ଇନ୍ଦ୍ରମଣି ଜେନା। ସେହିପରି ନିୟମିତ ବିଭାଗରେ ଅଛି ତନ୍ମାତ୍ର, ନୂଆ ଓଡ଼ିଆ ଚଳଚ୍ଚିତ୍ର, ଖେଳ ଓ ଖେଳାଳୀ, ବିଶ୍ୱକପ୍ ୨୦୨୩, ଜ୍ୟୋତିଷ ବିଚାର ଏବଂ ମାସିକ ରାଶିଫଳ। ସଂପାଦକୀୟରେ ଶୈଳରାଣୀ ମିଶ୍ର ଉତ୍ତରାଖଣ୍ଡର ୪୧ ଜଣ ଶ୍ରମିକ ଅକ୍ଷତ ଅବସ୍ଥାରେ ଫେରି ଆସିଥିବାରୁ ଆନନ୍ଦ ବ୍ୟକ୍ତ କରିବା ସହ ଏଥର ସୁଡଙ୍ଗ ପ୍ରତି ସବୁରି ଶୁଭ ଦୃଷ୍ଟି ରହିପାରିବ ବୋଲି ଆଶା ବ୍ୟକ୍ତ କରିଛନ୍ତି। ଏହା ବ୍ୟତୀତ ମଦ ମାଫିଆଙ୍କ ନିର୍ଭୟତା, ତାଙ୍କର ଟଙ୍କା ସଂଗ୍ରହକୁ ନେଇ ମଧ୍ୟ ସେ ଚିନ୍ତା ପ୍ରକଟ କରିଛନ୍ତି। ୫୮ ପୃଷ୍ଠାର ଏହି ପତ୍ରିକାର ମୂଲ୍ୟ ରହିଛି ମାତ୍ର ୨୦ ଟଙ୍କା।

# ନିଝୁମ ରାତିର ସାଥୀ

*ନଳିନୀ ଦାଶ*

ଜୀବନ ନାଟକେ ତୁମେ ମୋ ନାୟିକା
ମଧୁଝରା ମଧୁମତୀ
ହୃଦୟ ବୀଣାର ଝଙ୍କାର ତୁମେଗୋ
ଜୀବନର ମଧୁ ଗୀତି
ହୃଦ ସିଂହାସନେ ସାଜିଅଛ ରାଣୀ
ମୋ ମନ ମାନସୀ ପ୍ରୀତି
ପ୍ରିୟତମା ତୁମେ ଶୀତ ସକାଳର
କଁଅଳ ଖରାର ତାତି
ତୁମେ ଗୋ ରୂପସୀ ମୋ ମନ ମାନସୀ
ରାତିର ରଜନୀଗନ୍ଧା
ସାଜିଛ ଗୋ ପ୍ରିୟା ମନ ଉପବନେ
ସୁକୁମାରୀ ନିଶିଗନ୍ଧା
ପ୍ରେୟସୀ ଗୋ ମୋର ତୁମେ ସୁଲଳିତ
ସଙ୍ଗୀତର ମିଠା ବଂଶୀ
ନିଝୁମ ରାତିର ସାଥୀଟିଏ ତୁମେ
ସପନର ରାଜହଂସୀ
ଓଠ ଦିଶେ ସଜ ଗୋଲାପ କଢ଼ିଟେ
ଚେହେରାଟି ପାରିଜାତ
ହରିଣୀ ଚାଲିରେ ମନ କିଣିନିଏ
ଚାହାଁଣୀଟା ପଞ୍ଚାମୃତ
ଲାଜେ ଲାଜେ ଗୋରି ଦିଶୁଛ ସୁନ୍ଦରୀ
ସରଗର ଅପସରୀ
ଶାମୁକା ଭିତରେ ମୁକ୍ତାଟିଏ ତୁମେ
ସପନ ରାଇଜ ପରୀ
ମନ ଆକାଶରେ ହସି ଉଠୁଥିବା
ପୁନେଇଁର ଜହ୍ନ ରାତି
ଅଗଣା ତୁଳସୀ ଚଉରା ମୂଳରେ
ପ୍ରିୟା ତୁମେ ସଂଜବତୀ
ତୁମେ ରାତିଦିନ ତୁମେ ମୋ ଗୋପନ
ପ୍ରେମ ପ୍ରଣୟର ପୋଥି
ଜୀବନ ମରୁର ବାରିଧାରା ତୁମେ
ନିଝୁମ ରାତିର ସାଥୀ ।

# ମାନସୀ ମନ

*ବିନୟାନନ୍ଦ ବସ୍ତ୍ୟ*

ମାନସୀ ହୃଦରେ ମାନ ଭରିଅଛି
ଉଦାସୀ ଉଆଁସୀ ମନ,
ଜୋଛନା ହରା ତା ଆକାଶ ମାନସ
ପଟଳେ ମାନିନୀ ଜହ୍ନ,
ଚାନ୍ଦିନୀ କୁହୁଡି ଘେରା,
ଅସ୍ପଷ୍ଟ ଅସ୍ପୃଶ୍ୟ କ୍ଷଣପ୍ରଭା ପ୍ରାୟ
ଲାଗେ ମିଛ ମାୟା ଭରା

ଜୀବନର ଭଗ୍ନ ବୀଣା ଛିନ୍ନ ତାରେ
ସୁର ଯାଏ ହଜି ହଜି,
ମାନସୀ ନୀରବ ଛନ୍ଦାୟିତ ସୁର
ତାଳ ସ୍ମୃତି ଭିଜ ଭିଜି,
ଖୋଜେ ସେ ମହାର୍ଘ୍ୟବେଳ,
ଜୀବନ ନାଟକେ ଯବନିକା ଟାଣେ
ବୁଡ଼ିଆସିଲାଣି ବେଳ

ପ୍ରୀତି ସ୍ନେହ ଭରା ସଂଳାପ ଅସ୍ପଷ୍ଟ
ପ୍ରଚ୍ଛଦ ସଙ୍ଗୀତ କ୍ଷୀଣ,
ଘୂମନ୍ତ ଦର୍ଶକ ମସ୍ତକ ଭୂଲଗ୍ନ
ମରିଯାଏ ସିନା ମନ,
ଅଭିନୟ ଅସରନ୍ତି,
ତଥାପି ମଞ୍ଚରେ ରଙ୍ଗୀନ ଆଲୋକ
ଆଖି ମିଟିକା ମାରନ୍ତି ।

*ଖୋର୍ଦ୍ଧା*



# ଜ୍ୟୋତିର୍ମୟ

*ଶରତ ଦାଶ*

ଖୋଜିଲି ତୁମକୁ ଧରାରେ ତରାରେ
ସୁନୀଳ ଅନନ୍ତାକାଶେ
ଖୋଜିଲି ତୁମକୁ ସାଗରେ ବାଗରେ
ବନ ବିଲ ଗ୍ରାମଦେଶେ
ଖୋଜିଲି ତୁମକୁ ରୂପ ଅରୂପରେ
ଭାବରେ ଅନୁଭବରେ
ଖୋଜିଲି ତୁମକୁ ଭିତରେ ବାହାରେ
ଦୂର ଚକ୍ରବାଳପାରେ
ଖୋଜିଲି ତୁମକୁ ସକାଳ ସଞ୍ଜରେ
ଦିନରାତି ଅହୋରାତ୍ର
କୋକିଳ କୂଜନେ ଏକାକୀ ବିଜନେ
କାଳେ ଦୃଶ୍ୟହେବ ଚିତ୍ର
ଖୋଜିଲି ତୁମକୁ ହିମାଳୟଶୃଙ୍ଗ
କାଞ୍ଚନଜଙ୍ଘାକୁ ଚାହିଁ
ଖୋଜିଲି ତୁମକୁ ପ୍ରେମରେ କାମରେ
ମରୁଭୂମି ଡେଇଁ ଡେଇଁ
ଖୋଜିଲି ତୁମକୁ ଗୀତା ଭାଗବତ
ରାମାୟଣ ଗ୍ରନ୍ଥପାଠେ
ଖୋଜିଲି ତୁମକୁ ଚାଲି ଚାଲି ପାଦେ
ମଡା ଅମଡ଼ାର ବାଟେ
ଖୋଜିଲି ତୁମକୁ ମନ୍ଦିରେ ଅଧୀରେ
କୋଣେ କୋଣେ ଅନୁକୋଣେ
ଖୋଜିଲି ଗଗନେ ପବନେ ସପନେ
ବସି ଧ୍ୟାନ ପଦ୍ମାସନେ
ପାଇଲିନି କାହିଁ ହାହୁତାଶେ ରହି
ବସିଲି ନିରାଶ ହୋଇ
ମନରେ ସଂଶୟ ହୋଇଲା ଅଥୟ
ତୁମ ଅବସ୍ଥିତି ନେଇ
ନୟନ ମୁଦ୍ରିତ କରି ତୁମ ରୂପ
କଳ୍ପନାରେ କଲି ଚିନ୍ତା
ଧୀରେ ଧୀରେ ତୁମ ରୂପ ଉଭାସିଲା
ଅନୁଭବ କଲି ସତ୍ତା
ଅନନ୍ତ ଆକାଶ ଥିଲା ସମାହିତ
ତୁମ ସୁବିଶାଳ ଦେହେ
ଅସଂଖ୍ୟ ବ୍ରହ୍ମାଣ୍ଡ ସୃଷ୍ଟି ଓ ବିନାଶ
କରୁଥିଲ ତୁମେ ସ୍ନେହେ
ଦେଖିଲି ବସିଛ ହୃଦୟକନ୍ଦରେ
ନୀଳ ଜ୍ୟୋତି ମନୋରମ
ଆଭା ବିମଣ୍ଡିତ କରି ପୁଲକିତ
ସମଗ୍ର ବ୍ରହ୍ମାଣ୍ଡଧାମ ।

*ଭୁବନେଶ୍ୱର*

# ଫେରିଯାଉଥିବା ଶୀତ

*ଡ. ଦୀପକ କୁମାର ମିଶ୍ର*



ଏଇ ତ ଫେରିଯାଉଚି ଶୀତ
ଦେହରୁ, ଶେଜରୁ, ଅଗଣାରୁ, ବୃକ୍ଷଡ଼ାଳୁ
ନଈପଠା, ପୋଖରୀ ହୁଡ଼ାରୁ
ଆଉ ସର୍ବୋପରି କଣକଣି ମାରୁଥିବା
ପାଚେରିଘେରା ପ୍ରାଣଟି ଭିତରୁ

କାହିଁକି ବି ଯିବନି ଯେ କୁହ
ସେ କ'ଣ ସମାହିତ କରିପାରିଲା
ଉଷ୍ମମନର ଉଷର ନିରାଶା
ଶୀତଳିପାରିଲା ରଡ଼ ଅଙ୍ଗାରର
ଦୁଃଖର ପିଆଲା
ପୋଛିପାରିଲା ଲୁହ ହୋଇ ଝରୁଥିବା
ଆଖି ଆଗ୍ନେୟଗିରିର ଲହଲହ ଜ୍ୱାଳା
ବରଂ କୁହୁଡ଼ିର କୁହୁକ ଚାଦର ତଳେ
କୁହୁଳିଗଲେ କେତେ ଅମୂଲ୍ୟ ଜୀବନ
ଅସମୟେ ଅପସରି ଗଲେ
ତଟକା ତେଜିଥିବା ଶହ ଶହ ସତେଜ ସପନ

ସେ କାହିଁକି ରହିବ ଖାଲି ଋତୁଟିଏ ହୋଇ
ଦାରିଙ୍ଗିବାଡ଼ିର ପର୍ଯ୍ୟଟକଙ୍କ ପାଦରେ
ଜୁଆଙ୍ଗ ଝିଅର ଚଞ୍ଚଳା ଛାତିରେ
ପାହାଡ଼ର ଢାଲୁରେ ନିରବରେ ଦୁଳାଉଥିବା
ଅଳସି ଫୁଲରେ

ସେ ବା କାହିଁକି ମତୁଆଲା ହେବ
କେବଳ କନ୍ଧପୁଅଟିର ହାଣ୍ଡିଆ ଭାଟିରେ
କାମାନ୍ଧ ପୁରୁଷର ଲମ୍ପଟପଣର

ଅୟସ ଭିତରେ
ଆଉ ପାହାନ୍ତି ପର୍ଯ୍ୟନ୍ତ ରାସ୍ତାକାମ କରୁଥିବା
ଶ୍ରମିକଟିର ହୃଦୟ ପୋଡ଼ିବାକୁ
ବେଇମାନି ବିଡ଼ିର ଧୂଆଁରେ

ସେ କ'ଣ ପଶିପାରେ ଆମେତୁମେ
ପିନ୍ଧିଥିବା ବାଘଛାଲର
ଦାମିକା ପୋଷାକ ଭିତରେ
ଗରମ ଚାହା ଓ ଓଠର ଚୁମ୍ବନ ଶବ୍ଦରେ
ଜମିଥିବା କବିତା ଆସର ମଧ୍ୟରେ
ଭୁଆସୁଣୀ ଛାତିର
ଜଞ୍ଜାଳ ଭିଡ଼ା କଙ୍କାଳ ସନ୍ଧିରେ

ସେ କୃତଘ୍ନ ନୁହଁ ବରଂ କୃତଜ୍ଞ
ସେ ଜାଣେ ତା'ର କହରା ଛାତିରେ
କଞ୍ଚେଇବନି ପ୍ରେମର ବଉଳ
ଉଧେଇବନି କୋଇଲିର କୁହୁକୁହୁ ସ୍ୱର
ଡିଣ୍ଡାବୟସଟା ଡିଣ୍ଡିମ ପିଟି ଡାକିବନି
ଉହୁଉହୁ ଯୌବନର ମଧୁର ମଧ୍ୟାହ୍ନ

ତୁମେ ଯାଅ ଶୀତ, ମେଲାଣି ନିଅ
ମୁଁ ତ ତୁମେ ନଥିଲା ବେଳେ ବି
ନିଆଁ ପୁଇଁହେଉଥିଲି
ଅହରହ ଆଚ୍ଛାଦିତ
ଏଇ ଜୀବନର ବରଫ ଗୁମ୍ଫାରେ ।

*ଭୁବନେଶ୍ୱର*
*ମୋ- ୮୨୮୦୨୧୧୦୦୦*



# ଭୁଲି ହୁଏନା

*ଡ. ପ୍ରମୋଦ କୁମାର ମଲ୍ଲିକ*

ଆଗ ପଟେ ଦେଖେ ଦୁଃଖର ସାଗର
ପଛ ପଟେ ପ୍ରୀତି ସ୍ମୃତି
ଜୀବନ ନାମରେ ମରଣ ନାଚୁଛି
କାଳର କରାଳ ଗତି
କେତେବେଳେ ଆସେ ପ୍ରବଳ ବତାସ
କେତେ ବେଳେ ଖରା ତାତି
କାହା ଆଗମନେ ଆବାହନୀ ଗାଏ
ସତେକି ଜ୍ୟୋଛନା ସ୍ମୃତି
ଚହଟ ଚମକ ମସୃଣ ଅତୀତ
ଶ୍ୟାମଳ କୋମଳ ମିଠା
ରୂପେଲି ଜହ୍ନର ଶୀତଳ ପରଶ
ନିତି ମାରେ ଆସି ଝଟକା
ମତୁଆଲା କରେ ଶିତଳ ଅତୀତ
ସ୍ମୃତି ଭରା ଗୀତ ଗାଇ
ଛାଇ ଆଲୁଅର ଲୁଚକାଳି ଖେଳ
କାମନା ମାରିଛି ଝାଇଁ
ଅପ୍ରତ୍ୟାଶିତ କାହା ଉପସ୍ଥିତ ଆସି
ଶିଳ୍ପୀ କେ ଆଂକୁଛି ଛବି
ପୂରୁବର କଥା ସ୍ମୃତି ଭିଜା ଗାଥା
ନିତି ଉଠେ ହୋଇ ରବି
ରିମ୍ ଝିମ୍ ବର୍ଷା ମନେ ତୋଳେ ଆଶା
ସୁନାବ୍ୟା ନଦୀ ତରଙ୍ଗ
ଆକୁଳ ପ୍ରୟାସ ଆକଣ୍ଠ ନିରାଶ
ନିଃସହାୟ ବ୍ୟସ୍ତ ସର୍ବାଙ୍ଗ
କେବେ ଯଦି ଆସ ଗାଁ ମୁଣ୍ଡ ଶେଷ
ମଶାଣିକୁ କେବେ ବୁଲି
ଦେଖିବ ଜିଅନ୍ତା ମଣିଷ ଜଳୁଛି
କାହାକୁ ନପାରି ଭୁଲି
ଅନ୍ତର ବାହାର କଳସେ ଜହର
ନୀଳ କଣ୍ଠ ପରି ବୁଲେ
ଗାଁ ଗହଳିରେ ଆତ୍ମା ଘୁରି ବୁଲେ
ସ୍ମୃତି କଥା ଭାବି ଝୁରେ
ବିଶ୍ୱାସଟା ଏକ କାଚର ବାସନ
ଥରେ ଭାଙ୍ଗି ଆଉ ଯୋଡ଼େନା
ଯେତେ ଯୋଡ଼ିଲେବି କାହାଣୀ ବଞ୍ଚଇ
ଭୁଲି ଯାଇ ଭୁଲି ହୁଏନା ।

# ନୀଳ କୁମୁଦର ପ୍ରୀତି

*ବେଣୁଧର ସୂତାର*

ମାଧୁର୍ଯ୍ୟ ମଧୁରେ ଭରା
ଏ ସୃଷ୍ଟିର ଚାରୁଧାରା
ଗାଉଅଛି ମଙ୍ଗଳର
ମୁଗ୍ଧ ସୂକ୍ତିନାମା
ଦିବ୍ୟ ଶାନ୍ତି ମଧୁମୟ
ସୃଜନୀ ମଙ୍ଗଳମୟ
ରମଣୀୟ ନୈସର୍ଗିକ
ବିରଳ ଉପମା
ସବୁଜ ଧରଣୀ ହସ
ସପନ ଫୁଲର ବାସ
ରୂପସୀ ପ୍ରକୃତି କଳ
କଲ୍ଲୋଳିତ ଧାରା
ବ୍ୟଷ୍ଟି ସମାହାର ସୁର
ପୁଲକିତ ମଞ୍ଜପୁର
ସୁନାଝରା ପ୍ରଭାତର
ଆଶିଷ ପସରା
ତନ୍ମୟ ତଟିନୀ ଧାର
ମନୋହର ମୂର୍ଚ୍ଛନାର
ଗାଇଯାଏ ଏସୃଷ୍ଟିର
ଆଦିମ ସଙ୍ଗୀତ
ରଙ୍ଗ ରସ ସମାହାର
ମହକ ମଧୁରତାର
ଚିନ୍ମୟ ଝଙ୍କାର ତୋଳେ
ପ୍ରକୃତି ପଣତ
ଲଳିତ ଲାବଣ୍ୟ ମାଳା
ପ୍ରକୃତିର ଚାରୁକଳା
ତୃପ୍ତମୟ ରଙ୍ଗୋଲିର
ବିଭୋର ମହ୍ଲାର
ଅଭିନବ ରୂପ କାୟା
ନୀଳ ଜୀମୁତର ମାୟା
ଅନୁପମ ଅନୁରାଗ
ଭୂମି ଓ ଭୂମାର
ଗୋଧୂଳି ସୁଷମା ନେଇ
ଚାରୁମୟ ଦିଶେମହୀ
ଅସ୍ତରାଗ ଲାଲିମାର
କାଉଁରୀ ପରଶ
ପ୍ରକୃତିର ନିକେତନ
ଆହାକେଡେ ଶୋଭାବନ
ରୂପମୟୀ ଧରାବେଶ
ଲଳିତ ବିନ୍ୟାସ
ଭାନୁ ଅସ୍ତାଚଳ ଦେଖି
ଜୋଛନା ପୀୟୂଷ ମାଖି
ଉଇଁଲେଣି ପ୍ରାଚୀ ଭାଲେ
ସୌମ୍ୟ ସୁଧାକର
ନିଶି ଆଉ ନିଶାକର
ଜୋଛନାର ଅଭିସାର
ପ୍ରକୃତି ପଣତୁ ଝରେ
ପ୍ରଣୟ ଝଙ୍କାର
ଗଗନ ବିତାନ ତଳେ
ଶୀତଳ ସରସୀ ଜଳେ
ପ୍ରଣୟର ମଧୁଶାଳା
ରମ୍ୟରାସ ପୁରେ
ପ୍ରେମରେ ମଗନ ରାତି
ନୀଳ କୁମୁଦର ପ୍ରୀତି
ପରବାସୀ ପ୍ରିୟ ରାସ
ଲଳିତ ଶୃଙ୍ଗାରେ
ମଧୁର ଏ ବିଭାବରୀ
ପ୍ରୀତିର ସପନ ପୁରୀ
ମାଧୁର୍ଯ୍ୟର ମଧୁଶାଳେ
ଅନୁଢା ରୂପସୀ
ପ୍ରଣୟର ଫୁଲବନେ
ପ୍ରୀତି ସୁଧାମଧୁ ପାନେ
ସମର୍ପିଛି ତନୁମନ
ସେ, ତନ୍ଦ୍ରା ତାମସୀ ।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ -୯୧୭୮୫୬୮୨୪୬*

# ଲଗାତାର ୨ୟ ଥର ଗୋଲଡେନ ଡକ୍‌ର ଶିକାର ହେଲେ ରାହାଣେ



**ନୂଆଦିଲ୍ଲୀ**

ଭାରତୀୟ ଦଳରୁ ବାହାରେ ଥିବା ଆଜିଙ୍କ୍ୟ ରାହାଣେ ସଂପ୍ରତି ରଣଜୀ ଟ୍ରଫି ଜରିଆରେ ଦଳକୁ ପ୍ରତ୍ୟାବର୍ତ୍ତନ ପାଇଁ ଚେଷ୍ଟା ଚଳାଇଛନ୍ତି। ମାତ୍ର ରଣଜୀରେ ମଧ୍ୟ ତାଙ୍କର ଖରାପ ଫର୍ମ ଜାରି ରହିଛି। ମୁମ୍ବାଇ ପକ୍ଷରୁ ରଣଜୀ ଖେଳୁଥିବା ରାହାଣେଙ୍କୁ ଏକ ରନ ପାଇଁ ବି ସଂଘର୍ଷ କରିବାକୁ ପଡୁଛି। ଏଥର ମଧ୍ୟ ସେ ଖାତା ଖୋଲି ପାରି ନାହାନ୍ତି। ଏହା ପୂର୍ବରୁ ଆନ୍ଧ୍ର ପ୍ରଦେଶ ବିପକ୍ଷ ମୁକାବିଲାରେ ସେ ଗୋଲଡେନ ଡକ୍‌ର ଶିକାର ହୋଇଥିଲେ। ମୁମ୍ବାଇ ରଣଜୀ ଟ୍ରଫି ୨୦୨୩-୨୪ରେ ନିଜର ପ୍ରଥମ ମ୍ୟାଚ୍‌ରେ ବିହାରକୁ ଇନିଂସ ଓ ୫୧ ରନରେ ହରାଇଥିଲା। ଆଜିଙ୍କ୍ୟ ରାହାଣେ ଏହି ମ୍ୟାଚ୍ ଖେଳି ନ ଥିଲେ। ଦଳ ଦ୍ୱିତୀୟ ମୁକାବିଲାରେ ଆନ୍ଧ୍ର ପ୍ରଦେଶକୁ ଭେଟିଥିଲା। ମୁମ୍ବାଇ ଦମ୍‌ଦାର ପ୍ରଦର୍ଶନ କରି ଦ୍ୱିତୀୟ ମ୍ୟାଚ୍‌କୁ ୧୦ ୱିକେଟ୍‌ରେ ଜିତି ନେଇଥିଲା। ପ୍ରଥମ ଇନିଂସରେ ନମ୍ବର-୩ରେ ବ୍ୟାଟିଂ ପାଇଁ ଓହ୍ଲାଇଥିବା ଅଧିନାୟକ ରାହାଣେ ପ୍ରଥମ ବଲ୍‌ରେ ନୀତିଶ ରେଡ୍ଡୀଙ୍କ ଶିକାର ହୋଇଥିଲେ। ଆଉ ଦ୍ୱିତୀୟ ଇନିଂସରେ ତାଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳି ନ ଥିଲା। ସିଜିନର ତୃତୀୟ ମ୍ୟାଚ୍‌ରେ ମୁମ୍ବାଇ କେରଳକୁ ଭେଟିଛି। ଦଳ ୭ ୱିକେଟ ହରାଇ ୧୮୮ ରନ କରିଛି। ଆଶା ଥିଲା ରାହାଣେ ଏହି ମ୍ୟାଚ୍‌ରେ କିଛି କମାଲ କରିବେ। ମାତ୍ର ଏଥର ବି ରାହାଣେ ଗୋଲଡେନ ଡକ୍‌ର ଶିକାର ହୋଇଛନ୍ତି। ବାସିଲ ଥମ୍ପିଙ୍କ ପ୍ରଥମ ବଲ୍‌ରେ ସେ ୱିକେଟ କିପର ସଞ୍ଜୁ ସାମସନଙ୍କୁ କ୍ୟାଚ୍ ଦେଇଥିଲେ।

# ଆରମ୍ଭ ହେଲା ଅଣ୍ଡର ୧୯ ବିଶ୍ୱକପ୍-୨୦୨୪

**ଜୋହାନ୍ସବର୍ଗ**

ଆରମ୍ଭ ହେଲା ଜୁନିୟର ବିଶ୍ୱକପ୍। ଦକ୍ଷିଣ ଆଫ୍ରିକାରେ ୧୯ବର୍ଷରୁ କମ୍ ଦିନିକିଆ ବିଶ୍ୱକପ୍‌ର ୧୫ତମ ସଂସ୍କରଣ ଖେଳାଯାଉଛି। ଏଥିପାଇଁ ଦକ୍ଷିଣ ଆଫ୍ରିକାରେ ସମସ୍ତ ଦଳ ପହଞ୍ଚି ଜୋରଦାର ଅଭ୍ୟାସ କରିଛନ୍ତି। ପ୍ରଥମ ଦିନରେ ଆୟୋଜକ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଉଦ୍‌ଘାଟନୀ ମୁକାବିଲା ଖେଳାଯାଇଛି। ସେହିପରି ଅନ୍ୟ ଏକ ମ୍ୟାଚ୍‌ରେ ଆମେରିକା (ୟୁଏସ୍ଏ) ଓ ଆୟର୍ଲାଣ୍ଡ ପରସ୍ପରକୁ ଭେଟିଛି। ଶନିବାର ଡିଫେଣ୍ଡିଂ ଚାମ୍ପିଅନ୍ ଭାରତ ପ୍ରଥମ ମ୍ୟାଚ୍‌ରେ ବାଂଲାଦେଶକୁ ଭେଟିବ।

ଚଳିତ ବିଶ୍ୱକପ୍‌ରେ ମୋଟ୍ ୪୧ଟି ମ୍ୟାଚ୍ ଖେଳାଯିବ। ମୋଟ୍ ୫ଟି ଷ୍ଟାଡିୟମ୍ ଖେଳାଯିବ। ବିଶ୍ୱକପ୍‌ର ସମସ୍ତ ମ୍ୟାଚ୍ ୫ଟି ଷ୍ଟାଡ଼ିୟମ୍ ଯଥାକ୍ରମେ : ପୋଏଷ୍ଟ୍ରମ, ବ୍ଲୋଏମଫଟନ, ବେନୋନି, କିମ୍ବର୍ଲି ଓ ଇଷ୍ଟ ଲଣ୍ଡନ ରହିଛି। ତେବେ ବେନୋନିରେ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍ ଅନୁଷ୍ଠିତ ହେବ। ଏଥର ଜୁନିୟର ବିଶ୍ୱକପ୍ ପାଇଁ ଶ୍ରୀଲଙ୍କା ଆୟୋଜକ ରହିଥିଲା। ମାତ୍ର ବୋର୍ଡରେ ରାଜନୈତିକ ହସ୍ତକ୍ଷେପକୁ ଆଧାର କରି ଶ୍ରୀଲଙ୍କାରୁ ଟୁର୍ଣ୍ଣାମେଣ୍ଟକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ଶ୍ରୀଲଙ୍କା ଆୟୋଜକ ଦେଶ ଭାବେ ଟୁର୍ଣ୍ଣାମେଣ୍ଟକୁ ଯୋଗ୍ୟତା ଅର୍ଜନ କରିଛ।



୨୦୨୨ ସଂସ୍କରଣ ଖେଳିଥିବା ସବୁ ଦଳ ମଧ୍ୟ ସିଧା ସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି। ବାକି ୫ଟି ଦଳ ଆଞ୍ଚଳିକ ଯୋଗ୍ୟତା ପର୍ଯ୍ୟାୟ ଖେଳି ବିଶ୍ୱକପ୍‌କୁ ଉତ୍ତୀର୍ଣ୍ଣ ହୋଇଛନ୍ତି। କୋଭିଡ୍ କଟକଣା ଯୋଗୁ ଗତ ସଂସ୍କରଣ ଖେଳିନଥିବା ନ୍ୟୁଜିଲାଣ୍ଡ। ଏଥର ପୂର୍ବ ଏସିଆ-ପାସିଫିକ୍ ଯୋଗ୍ୟତା ପର୍ଯ୍ୟାୟ ଖେଳି ବିଶ୍ୱକପ୍‌ରେ ପହଞ୍ଚିଛି। ଆଫ୍ରିକାରୁ ନାମିବିୟା, ଏସିଆରୁ ନେପାଳ, ୟୁରୋପ୍‌ରୁ ସ୍କଟଲାଣ୍ଡ ଓ ଆମେରିକାରରୁ ୟୁଏସ୍ଏ ଯୋଗ୍ୟତା ଅର୍ଜନ କରିଛନ୍ତି।

ଚଳିତ ବର୍ଷ ନୂଆ ଫର୍ମାଟ୍‌ରେ ଖେଳାଯିବ ସମସ୍ତ ମ୍ୟାଚ୍। ଏଥର ଫର୍ମାଟ୍ ବେଶ୍ ରୋମାଞ୍ଚକର ରହିଛି। ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ରେ ୪ଟି ଲେଖାଏଁ ଦଳ ରହିଛନ୍ତି। ପ୍ରତି ଗ୍ରୁପ୍‌ରୁ ୩ଟି ଲେଖାଏଁ ଦଳ ପରବର୍ତ୍ତୀ ରାଉଣ୍ଡ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଯୋଗ୍ୟତା ଅର୍ଜନ କରିଥିବା ୧୨ଟି ଦଳକୁ ୨ଟି ଗ୍ରୁପ୍‌ରେ ଭାଗ କରାଯିବ। ପ୍ରତି ଗ୍ରୁପ୍‌ରେ ୬ଟି ଲେଖାଏଁ ଦଳ ରହିବେ। ଏହି ରାଉଣ୍ଡ୍‌ର ନାମ ରଖାଯାଇଛି ସୁପରସିକ୍ସ। ରାଉଣ୍ଡ ରବିନ ଫର୍ମାଟ୍‌ରେ ଏହି ପର୍ଯ୍ୟାୟ ଖେଳାଯିବ। ଉଭୟ ଗ୍ରୁପ୍‌ରୁ ଶ୍ରେଷ୍ଠ ୨ଟି ଲେଖାଏଁ ଦଳ ସେମିଫାଇନାଲ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଏତିକିରେ ଟୁର୍ଣ୍ଣାମେଣ୍ଟ ଶେଷ ହେବ ନାହିଁ। ପ୍ରଥମ ପର୍ଯ୍ୟାୟରୁ ବାଦ୍ ପଡ଼ିଥିବା ୪ଟି ଦଳ ପୁନର୍ବାର ପରସ୍ପରକୁ ଭେଟିବେ ଓ ପ୍ରତ୍ୟେକ ଦଳର ସ୍ଥାନ ଚୂଡ଼ାନ୍ତ ହେବ।

## ମା' ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଯାଜପୁରର ୟୁନିକ୍ ଇଲେଭେନ ସେମିରେ



**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ୍ ଦୋବଲ ପଞ୍ଚାୟତ ସୋଧ ଧରମ ପଡ଼ିଆ ଠାରେ ମା'ସୁବର୍ଣ୍ଣମୁଖୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶୁକ୍ରବାର ଉଦ୍‌ଘାଟିତ ହୋଇାଇଛି। ମା' ସୁବର୍ଣ୍ଣମୁଖୀ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍ ସ୍ପୋର୍ଟିଂ କ୍ଲବ୍ ଧାମନଗର ସହିତ ୟୁନିକ୍ ଇଲେଭେନ ଯାଜପୁର ମଧ୍ୟରେ ହୋଇଥିଲା। ଏଥିରେ ୟୁନିକ୍ ଇଲେଭେନ ବିଜୟୀ ହୋଇ ସେମିଫାଇନାଲ୍‌କୁ ପ୍ରବେଶ କରିଛି। ସ୍ପୋର୍ଟିଂ କ୍ଲବ୍ ଟସ୍ ଜିତି ୧୮ ଓଭରରେ ୯ ଉଇକେଟ ହରାଇ ୯୨ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଶ୍ରୀଧର ବେହେରା ୨୪ ରନ, ଏସ୍.କେ. ନବୀନ ୨୨ ରନ କରିଥିଲେ। ପ୍ରତିପକ୍ଷ ବୋଲର ରେହାନ ଖାନ ୪ ଓଭର ୧୧ ରନ ଦେଇ ୩ ଉଇକେଟ, ଏସ୍.କେ. ଆଜାଦ ୪ ଓଭର ୧୪ ରନ ଦେଇ ୩ ଉଇକେଟ ନେଇଥିଲେ। ଜବାବରେ ୟୁନିକ ଇଲେଭେନ ୧୧.୪ ଓଭରରେ ୪ ଉଇକେଟ ହରାଇ ୯୩ ରନ ସଂଗ୍ରହ କରି ସେମିଫାଇନାଲ୍‌କୁ ପ୍ରବେଶ କରିଛି। ଦଳର ପ୍ରଜ୍ଞା ରାଉତ ୩୧ ରନ, ଶେଷନ ବେହୁରିଆ ୨୧ ରନ କରିଥିଲେ। ପ୍ରତିପକ୍ଷ ବୋଲର ପୁରୁଷୋତ୍ତମ ବେହେରା ୪ ଓଭର ୨୧ ରନ ଦେଇ ୩ ଉଇକେଟ ନେଇଥିଲେ। ମ୍ୟାନ ଅଫ ଦି ମ୍ୟାଚ ଭାବେ ରେହାନ ଖାନଙ୍କୁ ପୁରସ୍କୃତ କରାଯାଇଥିଲା। ଅମ୍ପାୟର ଭାବେ ବିବେକାନନ୍ଦ ସାମଲ ଓ ପ୍ରକାଶ ନନ୍ଦ ଖେଳ ପରିଚାଳନା କରିଥିଲେ। ସ୍କୋରାର ଥିଲେ ସମୀର ସାହୁ, ସୌମ୍ୟ ନାଥଧାରା। ବିବରଣୀ ପ୍ରଦାନ କରିଥିଲେ ଅଜୟ ସାହୁ, ବସନ୍ତ ପୃଷ୍ଟି। ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ଦୋବଲ ପଞ୍ଚାୟତ ସରପଞ୍ଚ ଅଶୋକ କୁମାର ପଣ୍ଡା, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିତେନ୍ଦ୍ର କର, ସାମାଜିକ କର୍ମୀ ସଂଜିତ କୁମାର ସାହୁ, ତପନ କୁମାର ଦାସ ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ।

# ଏକାସାଙ୍ଗରେ ସନ୍ନ୍ୟାସ ଘୋଷଣା କଲେ ୪ ବିଶ୍ୱ ଚାମ୍ପିୟନ କ୍ରିକେଟର

**ନୂଆଦିଲ୍ଲୀ**

ଜଣେ ଖେଳାଳି ଅବସର ନେବା ସାଧାରଣ କଥା। ପ୍ରତ୍ୟହ କୌଣସି ନା କୌଣସି ଖେଳାଳି ତାଙ୍କ କାରିୟରକୁ ବିଦାୟ ଦିଅନ୍ତି, ହେଲେ ଆଶ୍ଚର୍ଯ୍ୟ ସେତେବେଳେ ଲାଗିଥାଏ ଯେତେବେଳେ ଗୋଟିଏ ଦେଶର ଏକାଧିକ ଖେଳାଳି ଏକାସାଙ୍ଗରେ ଅବସର ଘୋଷଣା କରନ୍ତି। ୱେଷ୍ଟଇଣ୍ଡିଜ୍‌ରେ ଏଭଳି ଘଟଣା ଘଟିଛି। ଦେଶ ଅର୍ଥନୈତିକ ସଙ୍କଟ ଦେଇ ଗତି କରୁଥିବାରୁ ଅନେକ ପୁରୁଷ ଖେଳାଳି ବିଶ୍ୱର ଅନ୍ୟ ଲିଗ୍ ଖେଳିବାକୁ ପସନ୍ଦ କରୁଛନ୍ତି। ହେଲେ ଏବେ ଦେଶର ୪ ମହିଳା କ୍ରିକେଟର ଏକାଠି ଖେଳରୁ ସନ୍ନ୍ୟାସ ଘୋଷଣା କରିଛନ୍ତି। ଅନିସା ମହମ୍ମଦ, ଶାକିରା ସେଲମାନ, କାୟାସିଆ ଏବଂ କାଇସୋନା ନାଇଟ୍ ଅନ୍ତର୍ଜାତୀୟ କ୍ରିକେଟରୁ ବିଦାୟ ନେଉଥିବା କ୍ରିକେଟ ୱେଷ୍ଟଇଣ୍ଡିଜ ପକ୍ଷରୁ ବିବୃତ୍ତି ଜାରି କରାଯାଇଛି।

ୱେଷ୍ଟଇଣ୍ଡିଜ ମହିଳା ଦଳ ୨୦୧୬ରେ ଭାରତରେ ଖେଳାଯାଇ ଥିବା ଟି -୨୦ ବିଶ୍ୱକପ ଜିତି ବିଶ୍ୱ ଚାମ୍ପିୟନ ଆଖ୍ୟା ଅର୍ଜନ କରିଥିଲା। ଏହି ୪ ଜଣ ଉକ୍ତ ଐତିହାସିକ ବିଜୟର ଅଂଶ ଥିଲେ। ଏହା ପରେ କିନ୍ତୁ ୱେଷ୍ଟଇଣ୍ଡିଜ ମହିଳା ଦଳ ପୁନର୍ବାର ବିଶ୍ୱ



ଚାମ୍ପିଅନ ହୋଇପାରିନାହିଁ।

ଅଫ ସ୍ପିନର ମହମ୍ମଦ ୨୦୦୩ରେ ଅନ୍ତର୍ଜାତୀୟ ସ୍ତରରେ ଡେବ୍ୟୁ କରିଥିଲେ ଏବଂ ସେହି ସମୟରେ ତାଙ୍କୁ ମାତ୍ର ୧୫ ବର୍ଷ ହୋଇଥିଲା। ସେ ଦିନିକିଆ ଏବଂ ଟି୨୦ରେ ଦେଶ ପାଇଁ ସର୍ବାଧିକ ଉଇକେଟ ନେଇଛନ୍ତି।

ଦ୍ରୁତ ବୋଲର ସେଲମାନ ୨୦୦୮ରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ସେ ଡବଲିନ୍‌ରେ ଆୟର୍ଲାଣ୍ଡ ବିପକ୍ଷରେ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ତାଙ୍କର ୧୮ ବର୍ଷ କ୍ୟାରିଅରରେ ସେ ୧୦୦ଟି ଦିନିକିଆ ମ୍ୟାଚରେ ୮୨ ଉଇକେଟ ଏବଂ ୯୬ଟି -୨୦ ମ୍ୟାଚରେ ୫୧ ଉଇକେଟ ନେଇଥିଲେ। ଫେବୃଆରୀ ୨୦୨୩ରେ ସେ ଟି-୨୦ ବିଶ୍ୱକପରେ ଦକ୍ଷିଣ ଆଫ୍ରିକା ବିପକ୍ଷରେ ୱେଷ୍ଟଇଣ୍ଡିଜ ପାଇଁ ତାଙ୍କର ଶେଷ ମ୍ୟାଚ୍ ଖେଳିଥିଲେ।

କେସିଆ ଏବଂ କାଇଶୋନା ଭଉଣୀ ଅଟନ୍ତି। ଆସନ୍ତା ମାସରେ ଉଭୟ ୩୨ ବର୍ଷରେ ପଦାର୍ପଣ କରିବାକୁ ଯାଉଛନ୍ତି। ୨୦୧୧ରେ ୱେଷ୍ଟଇଣ୍ଡିଜ ପାଇଁ କେସିଆ ତାଙ୍କର ପ୍ରଥମ ମ୍ୟାଚ୍ ଖେଳିଥିଲେ। ୨୦୧୩ରେ କାଇଶୋନା ତାଙ୍କର ଆନ୍ତର୍ଜାତୀୟ ସ୍ତରରେ ଡେବ୍ୟୁ କରିଥିଲେ। ଉଇକେଟ କିପର-ବ୍ୟାଟ୍ସମ୍ୟାନ କେସିଆ ନିଜ ଦେଶ ପାଇଁ ୮୭ଟି ଦିନିକିଆ ମ୍ୟାଚ୍‌ରେ ୧୩୨୭ ରନ ସଂଗ୍ରହ କରିଥିଲେ। ଏହା ବ୍ୟତୀତ ସେ ୭୦ ଟି-୨୦ ମ୍ୟାଚ୍‌ରେ ୮୦୧ ରନ ସଂଗ୍ରହ କରିଥିଲେ। ଯେତେବେଳେ ମଧ୍ୟମ ଅର୍ଡର ବ୍ୟାଟ୍ସମ୍ୟାନ କାଇଶୋନା ୫୧ଟି ଦିନିକିଆ ମ୍ୟାଚ୍‌ରେ ୮୫୧ ରନ ଏବଂ ୫୫ ଟି -୨୦ ମ୍ୟାଚ୍‌ରେ ୫୪୬ ରନ ସ୍କୋର କରିଛନ୍ତି। ଡିସେମ୍ବର ୨୦୨୨ରେ ବ୍ରିଜଟାଉନରେ ଇଂଲଣ୍ଡ ବିପକ୍ଷରେ ଉଭୟ ଦେଶ ପାଇଁ ଶେଷ ମ୍ୟାଚ୍ ଖେଳିଥିଲେ।

# ଭଡ଼ାରେ ଜିନିଷ ନେଇ ଟି-୨୦ ୱାର୍ଲଡ କପ୍ ହୋଷ୍ଟ କରିବ ଆମେରିକା : ଆଇସିସି

**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ୨୦୨୪ ଆମେରିକା ଏବଂ ୱେଷ୍ଟଇଣ୍ଡିଜ ଦ୍ୱାରା ଆୟୋଜିତ ହେବ ଚଳିତ ବର୍ଷ ଜୁନରେ ହେବାକୁ ଥିବା ଟି -୨୦ ବିଶ୍ୱକପ ସମ୍ପର୍କରେ ଆଇସିସି ଏକ ବଡ଼ କଥା କହିଛି ଯେଉଁଥିରେ କୁହାଯାଇଥିଲା ଯେ ଟୁର୍ଣ୍ଣାମେଣ୍ଟ ଆୟୋଜନ କରୁଥିବା ଆମେରିକା ସାମୟିକ ପ୍ରସ୍ତୁତି କରିବ, ଯେଉଁଥିରେ ପିଚ୍ ମେଲବୋର୍ଣ୍ଣରୁ ଅଣାଯିବ ଏବଂ ଦର୍ଶକଙ୍କ ପାଇଁ ଚେୟାରଗୁଡ଼ିକ ଲାସ ଭେଗାସରୁ ଆସିବ।



ଆମେରିକାରେ ଖେଳାଯିବାକୁ ଥିବା ଟି -୨୦ ବିଶ୍ୱକପ ପାଇଁ ଡ୍ରପ-ଇନ ପିଚ୍ ବ୍ୟବହାର କରାଯିବ, ଯାହା ଆଡିଲେଡ୍ ଓଭାଲ କ୍ୟୁରେଟର ଡେମିଆନ ହଫ ଦ୍ୱାରା ପ୍ରସ୍ତୁତ ହେବ। ବର୍ତ୍ତମାନ ଆପଣଙ୍କ ମନରେ ପ୍ରଶ୍ନ ଉଠିପାରେ ଯେ ପିଚ୍‌ରେ ଏହି ଡ୍ରପ୍ କ'ଣ ଡ୍ରପ ଇନ ପିଚ୍ ହେଉଛି। ଏପରି ପିଚ୍ ଯାହା ପଡିଆଠାରୁ କିଛି ଦୂରରେ ତିଆରି ହୁଏ ଏବଂ ପରେ ଅଣାଯାଇ ପଡ଼ିଆରେ ରଖାଯାଏ ବା ବିଛାଇ ଦିଆଯାଏ। ଏହା ବ୍ୟତୀତ ଟୁର୍ଣ୍ଣାମେଣ୍ଟରେ ଜୁନ ୯ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏକ ମ୍ୟାଚ୍ ଖେଳାଯିବ, ଯେଉଁଥିପାଇଁ ୩୪,୦୦୦ ଦର୍ଶକଙ୍କ କ୍ଷମତା ବିଶିଷ୍ଟ ଏକ ଅସ୍ଥାୟୀ ଗ୍ୟାଲେରୀ ନିର୍ମାଣ ହେବ ଏବଂ ବ୍ୟବହାର ପରେ ଏହାକୁ ହଟାଇ ଦିଆଯିବ।

ଆଇସିସି ଇଭେଣ୍ଟ ନିର୍ଦ୍ଦେଶକ କ୍ରିସ୍ ଟେଟ୍‌ଲି କହିଛନ୍ତି, ଆମେ ପୂର୍ବରୁ ନିର୍ମାଣ ହୋଇଥିବା ଡ୍ରପ-ଇନ ପିଚ୍ ବ୍ୟବହାର କରିବୁ। ଆମେ ଆଡିଲେଡ ଓଭାଲ କ୍ୟୁରେଟର ଡେମିଆନ ହଫଙ୍କ ପାରଦର୍ଶିତାକୁ ବ୍ୟବହାର କରୁଛୁ, ଯିଏ ଏହି ପ୍ରସଙ୍ଗରେ ବିଶେଷଜ୍ଞ ସେ ଟ୍ରେ ନିର୍ମାଣ ଏବଂ ପରିଚାଳନା କରୁଛନ୍ତି, ଯାହା ଫ୍ଲୋରିଡାରେ ଅଛି ମ୍ୟାଚ୍ ପାଇଁ ପର୍ଯ୍ୟାପ୍ତ ସଂଖ୍ୟକ ଟ୍ରେ ରହିବ, ଯାହା ନ୍ୟୁୟର୍କରେ ଆବଶ୍ୟକ ହେବ। ଏଥିସହ ଅଭ୍ୟାସ ପିଚ୍ ପାଇଁ ଟ୍ରେ ମଧ୍ୟ ରହିବ ଯେଉଁ ମ୍ୟାଚ୍‌ଗୁଡିକ ଖେଳାଯିବ। ସେଗୁଡିକ ବିଲକୁଲ ନୂଆ ହେବ। ଏହା ବ୍ୟତୀତ, ବର୍ଷା ହେଲେ ଆମେ ଜଳ ନିଷ୍କାସନ ପାଇଁ ମଧ୍ୟ ବ୍ୟବସ୍ଥା କରୁଛୁ।

ଆଇସିସି ଇଭେଣ୍ଟ ନିର୍ଦ୍ଦେଶକ ଆହୁରି ମଧ୍ୟ କହିଛନ୍ତି, କ୍ରୀଡା ଜଗତରେ ଯେପରି ଘଟେ, ସମସ୍ତ ଭିତ୍ତିଭୂମି ସାମୟିକ ହେବ। କିଛି ସଂରଚନା ଉପକରଣ ଲାସ୍ ଭେଗାସ୍‌ରୁ ଅଣାଯିବ, ଯାହା ମ୍ୟାଚ୍ ପରେ ସ୍ଥାପିତ ହୋଇ ଅପସାରଣ କରାଯିବ। ଆମେରିକାରେ ୩୦ ନିୟୁତ କ୍ରିକେଟ ପ୍ରଶଂସକ ଅଛନ୍ତି ଏବଂ ଏହା ହେଉଛି ତୃତୀୟ ବୃହତ୍ତମ ବଜାର। ଫେବୃଆରୀରୁ ଢାଞ୍ଚା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ଏବଂ ମେ' ସୁଦ୍ଧା ଏହି କାର୍ଯ୍ୟ ଶେଷ ହେବ।

# ପ୍ୟାରିସ୍ ଅଲମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନରୁ ବାଦ୍ ପଡ଼ିଲା ଭାରତୀୟ ମହିଳା ହକି ଦଳ

**ରାଞ୍ଚି**

ପ୍ୟାରିସ୍ ଅଲିମ୍ପିକ ୨୦୨୪କୁ ଯୋଗ୍ୟତା ଅର୍ଜନ କରିବାରେ ବିଫଳ ହୋଇଛି। ଭାରତୀୟ ମହିଳା ହକି ଦଳ ଶୁକ୍ରବାର ଏଫଆଇଏଚ ଅଲମ୍ପିକ ଯୋଗ୍ୟତା ପର୍ଯ୍ୟାୟରେ ଜାପାନ ଠାରୁ ୦-୧ ଗୋଲରେ ପରାସ୍ତ ହେବା ପରେ ଆଗାମୀ ପ୍ୟାରିସ ଅଲମ୍ପିକରୁ ବାଦ୍ ପଡ଼ିଛି।

ପ୍ରଥମ କ୍ୱାର୍ଟରରେ ଜାପାନ ପାଇଁ କାନା ଉରାଟା ଏକ ପେନାଲ୍ଟି କର୍ଣ୍ଣରରୁ ଗୋଲ ସ୍କୋର କରିଥିଲେ ଏବଂ ମ୍ୟାଚ୍ ଶେଷ ପର୍ଯ୍ୟନ୍ତ ଜାପାନ ଅଗ୍ରଣୀ ନିଜ ସହିତ ରଖିଥିଲା, ଯେତେବେଳେ କି ଭାରତୀୟ ଟିମ୍ କୌଣସି ଗୋଲ କରିବାରେ ବିଫଳ ହୋଇଥିଲେ।

ଗୁରୁବାର ଜର୍ମାନୀଠାରୁ ସୁଟ୍‌ଆଉଟରେ ୩-୪-



ଗୋଲରେ ପରାସ୍ତ ହେବା ପରେ ଭାରତ ଜାପାନ ବିପକ୍ଷ ମ୍ୟାଚ୍ ଜିତିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ନଥିଲା। ୨୦୨୧ରେ ଟୋକିଓ ଅଲମ୍ପିକ୍‌ରେ ଐତିହାସିକ ଚତୁର୍ଥ ସ୍ଥାନରେ ରହିଥିଲା। ତେବେ ଆଗାମୀ ପ୍ୟାରିସ୍ ଅଲମ୍ପିକ ପାଇଁ ଟିକେଟ୍ ବୁକ୍ କରିବାରେ ବିଫଳ ହେବା ଭାରତୀୟ ଟିମ୍ ପାଇଁ ଏକ ବଡ଼ ଝଟ୍‌କା ଲାଗିଛି।

# ଟିପିଡବ୍ଲୁଓଡିଏଲ୍‌ର ଦ୍ୱିଦିବସୀୟ କ୍ରିକେଟ ମ୍ୟାଚ୍ ଟିଟିଲାଗଡ଼ ବିଦ୍ୟୁତ ଡିଭିଜନ ଚାମ୍ପିଅନ

**ଟିଟିଲାଗଡ଼, ନ୍ୟୁଜ୍‌ବ୍ୟୁରୋ**

ଟିପିଡବ୍ଲୁଓଡିଏଲ୍‌ର ବୁର୍ଲାରେ ଥିବା ମୁଖ୍ୟ କାର୍ଯ୍ୟାଳୟ ତରଫରୁ ଏକ ଦ୍ୱିଦିବସୀୟ କ୍ରିକେଟ ମ୍ୟାଚ୍ ଖେଳ ହୋଇଥିଲା। ଏହି ମ୍ୟାଚ୍‌ରେ ପଶ୍ଚିମ ଓଡ଼ିଶାର ନଅଟି ଜିଲ୍ଲାମଧ୍ୟରୁ ୨୬ଟି ଟିମ୍ ଏହି ଖେଳରେ ଭାଗ ନେଇଥିଲେ। ଏହି ଫାଇନାଲ ଖେଳରେ ଟିପିଡବ୍ଲୁଓଡିଏଲ୍‌ର ଟେକ୍ନିକାଲ ସର୍ଭିସ ଟିମ୍ ଏବଂ ଟିପିଡବ୍ଲୁଓଡିଏଲ୍‌ର ଟିଟିଲାଗଡ଼ ଡିଭିଜନ ଟିମ୍ ମଧ୍ୟରେ ଖେଳ ହୋଇଥିଲା। ଏହି ଖେଳରେ ଟେକ୍ନିକାଲ ସର୍ଭିସ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୦ ଓଭରରେ ୪ ୱିକେଟରେ ୮୭ରନ କରିଥିଲେ। ଫଳରେ ଟିଟିଲାଗଡ଼ ଡିଭିଜନ ଟିମ୍ ୭.୫ ଓଭରରେ ୩ ୱିକେଟରେ ୮୮ ରନ କରି ଚାମ୍ପିଅନ ହୋଇଛନ୍ତି। ମ୍ୟାନ ଅଫ୍ ମ୍ୟାଚ୍ ପ୍ରକାଶ ମଲ୍ଲିକ ୨୬ ରନ ଦେଇ ୨ ୱିକେଟ ନେଇଥିଲେ। ସୁଜିତ ସର୍ବାଧିକ ୨୫ ରନ କରିଥିଲେ। ଏହି ବିଜୟୀ ଦଳକୁ ଟିପିଡବ୍ଲୁଓଡିଏଲ୍‌ର ସିଇଓ ଇଂ ଗଜାନନ କାଲେ ପୁରସ୍କାର ଟ୍ରଫି ଦେଇଥିଲେ। ଏହି ସମୟରେ ଟିଟିଲାଗଡ଼ର ବିଦ୍ୟୁତ ଡିଭିଜନର ନିର୍ବାହୀଯନ୍ତ୍ରୀ ଇଂ ବିନାୟକ ରାଉତ ମଧ୍ୟ ଉପସ୍ଥିତ ଥିଲେ। ଏହି ଖେଳରେ ଟିଟିଲାଗଡ଼ ଡିଭିଜନ ଚାମ୍ପିଅନ ହୋଇ ଥିବାରୁ ଟିଟିଲାଗଡ଼ ଡିଭିଜନର କର୍ମଚାରୀ ଏବଂ ଖେଳାଳିମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳିଯାଇଛି।



# ରେକର୍ଡ ଟାଇ-ବ୍ରେକ୍ : ରିବାକିନାଙ୍କୁ ବିଦା କଲେ ବ୍ଲିଙ୍କୋଭା

**ମେଲବର୍ଣ୍ଣ**

ଚଳିତ ଅଷ୍ଟ୍ରେଲିଆନ୍ ଓପନ୍‌ରେ ବଡ଼ ବିପର୍ଯ୍ୟୟ ଦେଖିବାକୁ ମିଳିଛି। ଅଣମାନ୍ୟତାପ୍ରାପ୍ତ ରୁଷିଆର ଆନ୍ନା ବ୍ଲିଙ୍କୋଭା ବିଶ୍ୱର ୩ ନମ୍ବର ଏଲିନା ରିବାକିନାଙ୍କୁ ଟାଇ-ବ୍ରେକ୍‌ରେ ହରାଇ ବିଦାୟର ରାସ୍ତା ଦେଖାଇଛନ୍ତି। ଗ୍ରାଣ୍ଡସ୍ଲାମ୍ ଏକକ ଇତିହାସରେ ଏହି ମ୍ୟାଚ୍ ସବୁଠୁ ଲମ୍ବା ଟାଇ-ବ୍ରେକ୍ ହୋଇଛି। ମହିଳା ଏକକ ପ୍ରଥମ ସେଟ୍‌କୁ ୫୭ ମାନ୍ୟତା ବ୍ଲିଙ୍କୋଭା ୬-୪ରେ ଜିତିଥିଲେ। ଗତଥରର ଫାଇନାଲିଷ୍ଟ ରିବାକିନା ଦ୍ୱିତୀୟ ସେଟ୍‌କୁ ୬-୪ରେ ଜିତି ନେଇଥିଲେ। ତୃତୀୟ ସେଟ୍ ସମାନ ୬-୬ ରହିବାରୁ ମ୍ୟାଚ୍ ଟାଇ-ବ୍ରେକ୍‌କୁ ଯାଇଥିଲା। ଏହି ଟାଇ-ବ୍ରେକ୍ ୩୧ ମିନିଟ୍ ଧରି ଚାଲିବା ସହ ୨୨-୨୦ (୪୨ରେ) ବ୍ଲିଙ୍କୋଭା ଜିତିଥିଲେ, ଯାହା ପୂର୍ବରୁ ଥିବା ରେକର୍ଡ ୩୮ ପଏଣ୍ଟ ଟାଇ-ବ୍ରେକ୍‌କୁ ପଛରେ ପକାଇଥିଲା।

# ସଫଳ ହେଲା ସୂର୍ଯ୍ୟକୁମାରଙ୍କ ସର୍ଜରୀ

**ନୂଆଦିଲ୍ଲୀ**

ଆଫଗାନିସ୍ତାନ ବିପକ୍ଷରେ ଟି-୨୦ ସିରିଜ କ୍ଲିନ ସୁଇପ୍ କରିଥିବା ଭାରତୀୟ ଦଳ ଓ କ୍ରିକେଟ ପ୍ରେମୀଙ୍କ ପାଇଁ ଖୁସିର ଖବର। ଭାରତୀୟ ଦଳର ଷ୍ଟାର ବ୍ୟାଟର ସୂର୍ଯ୍ୟକୁମାରଙ୍କ ଗୋଇଠିର ସଫଳ ଅସ୍ତ୍ରୋପଚାର ହୋଇଛି। ଏହି ଖବର ସେହି ସମୟରେ ମିଳିଛି ଯେତେବେଳେ ଭାରତ ପଡ଼ୋଶୀ ଆଫଗାନିସ୍ତାନ ବିପକ୍ଷ ଟି-୨୦ ଶୃଙ୍ଖଳାରେ ଧମାକାଦାର ବିଜୟ ହାସଲ କରିଛି। ଅସ୍ତ୍ରୋପଚାର ସଫଳ ହୋଇଥିବା ଖୋଦ ଟି-୨୦ ଫର୍ମାଟ୍‌ର ନମ୍ବର ୱାନ ବ୍ୟାଟର ଏହି ସୂଚନା ଦେଇଛନ୍ତି। ଆହତ କାରଣରୁ ସୂର୍ଯ୍ୟ କୁମାର ଯାଦବ ଆଫଗାନିସ୍ତାନ



ବିପକ୍ଷ ସିରିଜ୍ ଖେଳି ପାରି ନ ଥିଲେ। ଦକ୍ଷିଣ ଆଫ୍ରିକା ଗସ୍ତରେ ତାଙ୍କର ଗୋଇଠିରେ ଆଘାତ ଲାଗିଥିଲା, ଯେଉଁ କାରଣରୁ ସେ ଘରୋଇ କ୍ରିକେଟ ମ୍ୟାଚ୍‌ରୁ ବଞ୍ଚିତ ହୋଇଛନ୍ତି। ସୂର୍ଯ୍ୟଙ୍କୁ ସ୍ପୋର୍ଟ୍ସ ହର୍ନିଆ ହୋଇଥିବା ଜଣାପଡ଼ିବା ପରେ କ୍ରିକେଟର ଜର୍ମାନୀରେ ଏହାର ଅସ୍ତ୍ରୋପଚାର କରାଇଛନ୍ତି।

ଡାକ୍ତରଙ୍କ ଅନୁଯାୟୀ, ଏଥିରୁ ସୁସ୍ଥ ହେବା ପାଇଁ ସୂର୍ଯ୍ୟକୁମାରଙ୍କୁ ଅତି କମ୍‌ରେ ଗୋଟିଏ ମାସ ସମୟ ଲାଗିବ। ଟି-୨୦ର ଏକ ନମ୍ବର ବ୍ୟାଟର ଏକ୍ସରେ ପୋଷ୍ଟ କରି ଲେଖିଛନ୍ତି, ସର୍ଜରୀ ସଫଳ ରହିଛି। ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି ଯେଉଁମାନେ ମୋର ସ୍ୱାସ୍ଥ୍ୟବସ୍ଥାକୁ ନେଇ ଚିନ୍ତିତ ଥିଲେ। ମୁଁ ଶୀଘ୍ର ମଇଦାନକୁ ପ୍ରତ୍ୟାବର୍ତ୍ତନ କରିବି। ଆଇପିଏଲ ସମୟରେ ସୂର୍ଯ୍ୟଙ୍କ ପଡ଼ିଆକୁ ଫେରିବାର ସମ୍ଭାବନା ରହିଛି। ଆଇପିଏଲ ପରେ ଭାରତ ଟି-୨୦ ବିଶ୍ୱକପ ଖେଳିବ। ଭାରତର ଟି-୨୦ ବିଶ୍ୱକପ ଅଭିଯାନରେ ସୂର୍ଯ୍ୟକୁମାର ହେଉଛନ୍ତି। ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। ସୂର୍ଯ୍ୟ ୬୦ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରୁ ୨୧୪୧ ରନ କରିଛନ୍ତି। ଏଥିରେ ୪ ଶତକ ସାମିଲ୍।

**DISTRICT PROJECT OFFICE**
**SAMAGRA SHIKSHA, MALKANGIRI**

No 181 /Pedagogy Dated. 18/1/2024 n-261

NOTICE INVITING TENDER (NIT)

Sealed tenders are invited from the reputed & credible printers / firms / agencies for printing & supply of "Question cum Answer Sheets, Answer Key & Oral questions" for SA-II 2023-24 for Class-I to VIII Students in two bid systems (Technical & Financial Bid) as detailed below.

| Name of the Tender | Bid processing fees | Amount of EMD | Last Date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheet for SA-II 2023-24 for Class-I to VIII Students | Rs.2000/- (Rupees two thousand only) | Rs.40,000/- (Rupees forty thousand only) | 29.01.2024 by 5.00 pm | 30.01.2024 at 11.00 am |

The detailed BID document is available in the website www.esepa.odisha.gov.in & www.malkangiri.nic.in. Interested and eligible agency / firm may download BID DOCUMENT from the above website and apply accordingly. Corrigendum / addendum, if required, will be uploaded in the above web site. Hence potential bidders are requested to be in continuous touch with the above web site.

The Tender Inviting Authority (TIA) reserves the right to accept / reject any full or part / all BID / cancel the entire selection process at any stage without assigning any reason thereof.

By orders of Collector-cum-Chairman
District Project Coordinator,
Samagra Shiksha, Malkangiri

OIPR-27064/11/0006/2324

**OFFICE OF THE NOTIFIED AREA COUNCIL, ASKA (GANJAM)** Email:- askanac@gmail.com, ph No-06822-273068

C-2383

L. No:- 117 Dated:-18.01.2024

QUOTATION CALL NOTICE

Executive officer, NAC Aska on behalf ofAska NAC Aska inviting sealed quotation are here by invited from the intending authorized firms/ reputed agencies having pan card, GST certificate for supply, fitting & fixing and installation of Electric & PHD Works at Banibihar & Taluka Kalyan Mandap & Public Toilets under NAC Aska. The quotation will be available from Dt-19.01.2024 to Dt-02.02.2024 on the office hour. The quotationer should have to deposit tender paper cost in shape of M.R (Rs. 2000/- to 4000/-+GST @18%) at NAC office Aska. The quotation should reach the office of the undersigned on or before dated 02.02.2024 at 11.00 AM. The undersigned doesn't take any responsibility of delay in receiving the quotation through the post; the quotation will be opened on dated 02.02.2024 at 03.00 PM. The bidder or his authorized representative may remain present during the opening of the Quotation. The quotation must have to deposit the EMD of Rs 5,000/- to 10,000/- through MR and EMD Exemption allowed with quotation in the shape of Cash in favor of Executive officer, NAC Aska. The lowest Quotation rate will betaken in consideration for acceptance. The authority shall not be responsible for any postaldelay. The quotation received after schedule date is liable for rejection, the authority reserve right to reject any or all quotation without assigning any reason thereof.

Sale of Tender Paper Dt- 19.01.2024
Last Date of Tender Paper Dt. 02.02.2024 11.00 A.M
Date of opening of Tender Paper Dt.02.02.2024 3.00 P.M

The undersigned reserve the right to reject any or all quotation without the assigning any reason thereof.

N.B:- All Terms & Condition of OPWD Code is applicable.

Executive Officer
Notified Area Council, Aska

OIPR-13181/11/0022/2324

# ଜଗତସିଂହପୁରରେ ଉଦ୍‌ଘାଟିତ ହେଲା ନୂଆ ଓ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**



ଶୁକ୍ରବାର ପୂର୍ବାହ୍ନରେ ଜିଲ୍ଲାରେ ନୂଆ ଓ ଅନ୍ତର୍ଗତ ଜିଲ୍ଲା ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନୀୟ ନବକୃଷ୍ଣ ଚୌଧୁରୀ ଷ୍ଟାଡ଼ିୟମ ଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲ୍ଲାପାଳ ପାରୁଲ ପଟାୱରି ଜିଲ୍ଲାର ବିଭିନ୍ନ ବ୍ଲକ ଓ ମ୍ୟୁନିସିପାଲିଟିରୁ ଉନ୍ନୀତ ହୋଇ ଆସିଥିବା କୃତୀ ପ୍ରତିଯୋଗୀମାନଙ୍କୁ ଉନ୍ନତ ପ୍ରଦର୍ଶନ ନିମନ୍ତେ ଉତ୍ସାହିତ କରିଥିଲେ। ସେ କହିଥିଲେ ଯେ, ଜିଲ୍ଲା ସ୍ତରକୁ ଉନ୍ନୀତ ହୋଇଥିବା ସମସ୍ତ ପ୍ରତିଯୋଗୀ ଜଣେ ଜଣେ ସଫଳ ଖେଳାଳି, ସେମାନେ ଭଲ ଭାବରେ ଖେଳି ରାଜ୍ୟ ସ୍ତରରେ ଜଗତସିଂହପୁର ଜିଲ୍ଲାକୁ ଗୌରବାନ୍ୱିତ କରିବାକୁ ଉତ୍ସାହିତ କରିଥିଲେ। ଜୀବନରେ ହାରଜିତ୍‌କୁ ଖାତିର ନ କରି ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ସାହସିକତାର ସହିତ ସାମନା କରିବାକୁ ଜିଲ୍ଲାପାଳ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ ଜିଲ୍ଲା ପାଇଁ ଏକ ଗୌରବମୟ ଦିନ ବୋଲି କହିଥିଲେ ଏବଂ ପ୍ରତ୍ୟେକ ପ୍ରତିଯୋଗୀଙ୍କୁ ଧୈର୍ଯ୍ୟ ଓ ସାହସର ସହ ଖେଳି ରାଜ୍ୟ ସ୍ତରରେ ଜିଲ୍ଲା ପାଇଁ ଗୌରବ ଆଣିବାକୁ ପରାମର୍ଶ ଦେଇଥିଲେ। ଅନ୍ୟ ସମ୍ମାନିତ ଅତିଥି ଭାବେ ପୌରପରିଷଦର ନିର୍ବାହୀ ଅଧିକାରୀ ଅଶୋକ କୁମାର କର୍ଣ୍ଣ, ଜିଲ୍ଲା ପରିଷଦର ଅତିରିକ୍ତ ମୁଖ୍ୟ ବିକାଶ ଅଧିକାରୀ ଅଭିମନ୍ୟୁ ପଣ୍ଡା ମଧ୍ୟ ପ୍ରତିଯୋଗୀମାନଙ୍କର ମନୋବଳ ବଢାଇଥିଲେ। ଜିଲ୍ଲା ସ୍ତରୀୟ ଏହି କ୍ରୀଡ଼ା ପ୍ରତିଯୋଗିତା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ୍, ଜଗତସିଂହପୁର, ସ୍ୱାମୀ ବିବେକାନନ୍ଦ ସ୍ମାରକୀ ମହାବିଦ୍ୟାଳୟ, ଜଗତସିଂହପୁର, ନନ୍ଦା ବ୍ରତ ଷ୍ଟାଡିୟମ୍, ଶିଙ୍ଗାରପୁର ଏବଂ ପିପିଏଲ, ପାରାଦ୍ୱୀପର ଡିଏଭି ପବ୍ଲିକ ସ୍କୁଲ ଠାରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତା ଅନ୍ତର୍ଗତ ପୁରୁଷ ଓ ମହିଳା ବିଭାଗରେ ଫୁଟବଲ୍, ଖୋ ଖୋ, କବାଡ଼ି, ଭଲିବଲ୍, କ୍ରିକେଟ ଏବଂ ମହିଳା ହକି ପ୍ରତିଯୋଗିତା ତିନିଦିନ ଧରି ଅନୁଷ୍ଠିତ ହେବ। ଗୁରୁବାର ନବକୃଷ୍ଣ ଚୌଧୁରୀ ଷ୍ଟାଡିୟମ ଠାରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ୮ଟି ବ୍ଲକ ଓ ୨ଟି ମ୍ୟୁନିସିପାଲିଟିରୁ ଉନ୍ନୀତ ହୋଇ ଆସିଥିବା ୧୩୦୬ ଜଣ ପ୍ରତିଯୋଗୀ ଏହି ଜିଲ୍ଲା ସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି କାର୍ଯ୍ୟକ୍ରମରେ କ୍ରୀଡ଼ାବିତ୍ ଓ ସେମାନଙ୍କର ମେଣ୍ଟର କ୍ରୀଡ଼ା ଶିକ୍ଷକ ଶିକ୍ଷୟିତ୍ରୀ, ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନ ସମ୍ପାଦକ ଦୋଳଗୋବିନ୍ଦ ଦାଶ ଗଣମାଧ୍ୟମ ପ୍ରତିନିଧି, ଜିଲ୍ଲା ପରିଷଦର ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଜିଲ୍ଲା କ୍ରୀଡ଼ା ଅଧିକାରିଣୀ ବିଶ୍ୱ ବିଜୟିନୀ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

ଭୁବନେଶ୍ୱର
୨୦ ଜାନୁଆରୀ
ଶନିବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଏସ୍‌ସିବିରେ ପ୍ରଥମ ହାପଲୋ ବୋନମ୍ୟାରୋ ଟ୍ରାନ୍ସପ୍ଲାଣ୍ଟ ରୋଗୀଙ୍କ ମୃତ୍ୟୁ



**କଟକ, ୧୯/୧ ନ୍ୟୁଜ ବ୍ୟୁରୋ**
କଟକ ଏସସିବି ମେଡିକାଲରେ ପ୍ରଥମ ହାପଲୋ ବୋନମ୍ୟାରୋ ଟ୍ରାନସପ୍ଲାଣ୍ଟ ରୋଗୀଙ୍କର ମୃତ୍ୟୁ ହୋଇଛି । ଶୁକ୍ରବାର ଭୋରରୁ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି ।
ଗତ ୯ ତାରିଖରେ ଖୋର୍ଦ୍ଧା ଜିଲ୍ଲା ବାଘମାରୀ ଅଞ୍ଚଳର ଶୁଭ୍ରାଂଶୁ ସାହୁ ନାମକ ଜଣେ ରୋଗୀଙ୍କର ଏସସିବିରେ ପ୍ରଥମ ହାପଲୋ ଟ୍ରାନସପ୍ଲାଣ୍ଟ କରାଯାଇଥିଲା । ଶୁଭ୍ରାଂଶୁଙ୍କ ସାନ ଭାଇର ଷ୍ଟେମ ଆଣି ପ୍ରତିରୋପଣ କରାଯାଇଥିଲା । ଏହି ଅସ୍ତ୍ରୋପଚାର ପରେ ଶୁଭ୍ରାଂଶୁ ଓ ତାଙ୍କ ସାନ ଭାଇଙ୍କର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିଲା । ଅସ୍ତ୍ରୋପଚାର ପର ଦିନ ଶୁଭ୍ରାଂଶୁଙ୍କ ସାନଭାଇଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଥିଲା । ଏହାସହ ଶୁଭ୍ରାଂଶୁ ସ୍ୱାସ୍ଥ୍ୟାବସ୍ଥାର ସୁଧାର ଆସୁଥିଲା । ଏଦେଖି ଡାକ୍ତରମାନେ ଖୁସିଥିଲେ । ଶୁକ୍ରବାର ଭୋରରୁ ଶୁଭ୍ରାଂଶୁଙ୍କ ମୃତ୍ୟୁ ହୋଇଥିବା ଡାକ୍ତର ସୂଚନା ଦେଇଛନ୍ତି । ଶୁଭ୍ରାଂଶୁଙ୍କ ମୃତ୍ୟୁ ନେଇ ପରିବାର ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନାହିଁ ।
ସୂଚନାଯୋଗ୍ୟ, ଏସସିବିରେ ପୂର୍ବରୁ ୧୦୦ ପ୍ରତିଶତ ଡୋନରରେ ଅସ୍ଥିମଜା ପ୍ରତିରୋପଣ କରାଯାଉଥିଲା । ହେଲେ ପ୍ରଥମ କରି ୫୦ ପ୍ରତିଶତ ମେଳ ଖାଉଥିବା ବ୍ୟକ୍ତିଙ୍କଠାରୁ ଷ୍ଟେମ ଆଣି ପ୍ରତିରୋପଣ କରାଯାଇଥିଲା । ଏହି ସଫଳ ଅସ୍ତ୍ରୋପଚାର କରି ଏସସିବି ମେଡିକାଲର ରକ୍ତ କର୍କଟ ବିଭାଗ ସୁନାମ ଆଣିଥିଲା । ହେଲେ ଶୁକ୍ରବାର ସକାଳେ ହାପଲୋ ବୋନମ୍ୟାରୋ ଟ୍ରାନସପ୍ଲାଣ୍ଟ ରୋଗୀଙ୍କର ମୃତ୍ୟୁ ହୋଇଥିଲା ।



ଭୁବନେଶ୍ୱର : ମୁକ୍ତେଶ୍ୱର ନୃତ୍ୟୋତ୍ସବର ଉଦ୍‌ଯାପନୀ ଦିବସରେ ସ୍ୱର୍ଣ୍ଣମୟୀ ବେହେରା ଓ ସ୍ୱୀକୃତି ଦାସ ଓଡ଼ିଶୀରେ ପଲ୍ଲଭୀ ନୃତ୍ୟ ପରିବେଷଣ କରୁଛନ୍ତି । (ଫଟୋ : ସମ୍ବାଦ କଳିକା)

# ୨୭ରେ ମୁଖ୍ୟମନ୍ତ୍ରୀଙ୍କ ସମ୍ବଲପୁର ଗସ୍ତ : ପ୍ରଣବ ଓ ମାନସଙ୍କ କ୍ଷେତ୍ର ଅନୁଧ୍ୟାନ



**ସମ୍ବଲପୁର, ୧୯/୧ ନ୍ୟୁଜ ବ୍ୟୁରୋ**
ସମ୍ବଲପୁର ସମଲେଇ ମନ୍ଦିର ରୁପାନ୍ତରଣ ପ୍ରକଳ୍ପ ଜାନୁଆରୀ ୨୭ ତାରିଖରେ ଲୋକାର୍ପଣ ହେବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମଲେଇ ମନ୍ଦିର ଆସି ପୂଜାରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହାକୁ ଦୃଷ୍ଟିରେ ରଖି ବିଜେଡ଼ି ସାଂଗଠନିକ ସମ୍ପାଦକ ପ୍ରଣବପ୍ରକାଶ ଦାସ, ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପ୍ରମୁଖ ପ୍ରାରମ୍ଭିକ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସମୀକ୍ଷା କରିଛନ୍ତି । ଏହି ଆଲୋଚନାରେ ବିଧାୟକ ସୁଶାନ୍ତ ସିଂହ, ମନ୍ଦିର ଟ୍ରଷ୍ଟ ସଭାପତି ସଞ୍ଜୟ ବାବୁ ଓ ବିଜେଡି ରେଙ୍ଗାଲି ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ ଉପସ୍ଥିତ ଥିଲେ । ସମଲେଇ ଲୋକାର୍ପଣ ପ୍ରକଳ୍ପରେ ଶ୍ରଦ୍ଧାଳୁମାନେ କିପରି ଆସିବେ, ସେମାନଙ୍କ ସୁବ୍ୟବସ୍ଥିତ ଦର୍ଶନ ଆଦି ବିଭିନ୍ନ ପ୍ରସଙ୍ଗରେ ବୈଠକରେ ଆଲୋଚନା ହୋଇଛି । ଅନ୍ୟପଟେ ସର୍କିଟ ହାଉସରେ ପ୍ରଣବପ୍ରକାଶ ଓ ମାନସ ଦଳର ବିଭିନ୍ନ ନେତା ଓ କର୍ମୀଙ୍କ ସହ ମଧ୍ୟ ଅନ୍ୟ ଏକ ବୈଠକରେ ସାଙ୍ଗଠନିକ ପ୍ରସଙ୍ଗ ନେଇ ଆଲୋଚନା କରିଛନ୍ତି । ଜିଲ୍ଲାର ରେଙ୍ଗାଲି, କୁଚିଣ୍ଡା, ରେଢାଖୋଲ ଓ ସମ୍ବଲପୁର ୪ ବିଧାନସଭାର ନେତାମାନଙ୍କ ସହ ପୃଥକ୍ ପୃଥକ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଲୋକମାନଙ୍କୁ ଅବଗତ କରାଇ ସେମାନଙ୍କ ସମସ୍ୟା ଦୂର କରିବାକୁ ପରାମର୍ଶ ଦେଇଛନ୍ତି ।

# ଥାନା ଓ ବନବିଭାଗ କାର୍ଯ୍ୟାଳୟରେ ପଡି ରହୁଥିବା ଜବତ ଗାଡ଼ିକୁ ଛାଡିବାକୁ ନୀତି ପ୍ରସ୍ତୁତ କର

**କଟକ, ୧୯/୧ ନ୍ୟୁଜ ବ୍ୟୁରୋ**
ଖରା ବର୍ଷାରେ ଦୀର୍ଘ ଦିନ ଧରି ଗାଡି ପଡ଼ିରହୁଥିବାରୁ ଏନେଇ ଉଦ୍‌ବେଗ ପ୍ରକାଶ କରିଛନ୍ତି ଉଚ୍ଚ ନ୍ୟାୟାଳୟ । ତେବେ ପରିବହନ କମିଶନର ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି । ନିୟମ କାନୁନରେ କୋହଳ କରିବା ସମ୍ପର୍କରେ ଅନୁଶୀଳନ କରି ପରିବହନ କମିଶନର ସତ୍ୟପାଠ ଦାଖଲ କରିବାକୁ ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି । ଫେବୃୟାରୀକୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।
ତେବେ ଗଞ୍ଜେଇ ଚାଲାଣ ଅଭିଯୋଗ ମାମଲାରେ ଆବେଦନକାରୀଙ୍କ ଏକ କାର୍ ଫିରିଙ୍ଗିଆ ଥାନା ପୁଲିସ ୨୦୧୯, ଏପ୍ରିଲ ୨୫ରେ ଜବତ କରିଥିଲା । ମାମଲା ବିଚାରାଧୀନ ଥିବା ବେଳେ ଜବତ ଗାଡ଼ି ଜିମାରେ ଛାଡ଼ିବାକୁ ନିବେଦନ କରି ଆବେଦନକାରୀ ଦାଖଲ କରିଥିବା ଆବେଦନ ନିମ୍ନ ଅଦାଲତରେ ଖାରଜ ହୋଇଥିଲା । ଏହାପରେ ନିମ୍ନ ଅଦାଲତ



ନିର୍ଦ୍ଦେଶ ବିରୋଧରେ ଆବେଦନକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ବିଭିନ୍ନ ମାମଲାରେ ଜବତ ଗାଡ଼ି ଗୁଡ଼ିକ ଅନେକ ସମୟରେ ପୋଲିସ ଥାନା, ଅବକାରୀ ବିଭାଗ ଓ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଖୋଲା ଆକାଶ ତଳେ ବର୍ଷ ବର୍ଷ ଧରି ପଡ଼ି ରହିବା ପ୍ରସଙ୍ଗକୁ ନେଇ ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଥିଲେ । ଏଥିସହିତ ଆବଶ୍ୟକ ପାଇଁ ଧାର୍ଯ୍ୟ କରି ଆବେଦନକାରୀଙ୍କ ଜିମାରେ ଜବତ ଗାଡ଼ି ଛାଡ଼ିବାକୁ ନିମ୍ନ ଅଦାଲତଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ପ୍ରସଙ୍ଗରେ ସରକାର ନୀତି ପ୍ରଣୟନ କରିବା ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଛନ୍ତି । ଥାନା, ଅବକାରୀ କାର୍ଯ୍ୟାଳୟ, ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ବର୍ଷ ବର୍ଷ ଧରି ଗଦା ଗଦା ଜବତ ଗାଡ଼ି ଯଦି ରହୁଛି , ସିଧା ସଳଖ ଖରା ବର୍ଷାରେ ଗାଡ଼ି ଗୁଡିକ ପଡିରହୁଥିବାରୁ ଏଗୁଡିକ ଖରାପ ହୋଇଯାଉଛି । ଯାହାକୁ ନେଇ ଓଡ଼ିଶା ହାଇକୋର୍ଟ ଉଦ୍‌ବେଗ ପ୍ରକାଶ କରିଛନ୍ତି । ତେବେ ପରିବହନ କମିଶନର ଏହି ପ୍ରସଙ୍ଗରେ ନିଷ୍ପତ୍ତି ନେବା ଉଚିତ ବୋଲି ହାଇକୋର୍ଟ କହିଛନ୍ତି । ଯାହାଫଳରେ ଖରା ବର୍ଷାରେ ପଡ଼ି ରହୁଥିବା ଗାଡି ଗୁଡିକ ଆଉ ଖରାପ ହେବ ନାହିଁ କିମ୍ବା ନଷ୍ଟ ହେବ ନାହିଁ ବୋଲି କୋର୍ଟ ଅନୁଭବ କରିଛନ୍ତି । ସେହିପରି ପୋଲିସ ଥାନା, ଅବକାରୀ ଓ ବନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ଜବତ ଗାଡ଼ିକୁ ହଟାଗଲେ ଭିଡ଼ ସମସ୍ୟା ମଧ୍ୟ ହ୍ରାସ ହେବ ବୋଲି ହାଇକୋର୍ଟ କହିଛନ୍ତି । ନିୟମ କାନୁନରେ କୋହଳ କରିବା ସମ୍ପର୍କରେ ଅନୁଶୀଳନ କରି ପରିବହନ କମିଶନର ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ତତ୍କର ଜଷ୍ଟିସ ସଂଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଜିତନ୍ଦ୍ର କୁମାର ଦିଗଲଙ୍କ ଆବେଦନରେ ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଅନ୍ୟପକ୍ଷରେ କେତେକ ଆଇନଗତ କଟକଣା ପାଇଁ ଜବତ ଗାଡ଼ି ଗୁଡ଼ିକ ଉପଯୁକ୍ତ ବ୍ୟକ୍ତିଙ୍କ ଜିମାରେ ଛଡା ଯାଇ ପାରୁ ନାହିଁ ବୋଲି ଶୁଣାଣି ସମୟରେ କୁହାଯାଇଥିଲା । ଏହି ପ୍ରସଙ୍ଗରେ ସଂଶୋଧନ ନେଇ ଅନୁଧ୍ୟାନ କରାଯିବ ଓ ଏକ ନୀତି ପ୍ରଣୟନ ପାଇଁ ରାଜ୍ୟ ସରକାର ଆନ୍ତରିକ ଉଦ୍ୟମ କରିବେ, ଯାହା ଦ୍ୱାରା କବତ ଗାଡ଼ି ଗୁଡ଼ିକ ମାଲିକ ବା ଉପଯୁକ୍ତ ବ୍ୟକ୍ତିଙ୍କ ଜିମାରେ ଛଡ଼ା ଯାଇ ପାରିବ ବୋଲି ହାଇକୋର୍ଟ କହିଛନ୍ତି । ଏହି ନିର୍ଦ୍ଦେଶର ଏକ କପି ପରିବହନ ବିଭାଗ ଷ୍ଟାଣ୍ଡିଂ କାଉନସିଲଙ୍କୁ ପ୍ରଦାନ ପାଇଁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଫେବୃଆରୀ ୬କୁ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଧାର୍ଯ୍ୟ କରାଯାଇଛି ।



ସମ୍ପାଦକୀୟ
ପୃଷ୍ଠା-୪
ଉତ୍କଳ ଦୀପିକା
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
Vol-7 • Issue-38 • 17th-23rd January 2024 • Bhubaneswar

ବଢ଼ିଲା ବିଏସ୍‌କେୱାଇ- ନବୀନ କାର୍ଡର ପଞ୍ଜିକରଣ ଅବଧି
ଜାନୁଆରୀ ୨୬ ପର୍ଯ୍ୟନ୍ତ କରିପାରିବେ ଆବେଦନ

ଆରମ୍ଭ ହେଲା ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା
ଦୁଲୁକୁଛି ବରଗଡ଼ : ଚାଲିଲା କଂସ ରାଜୁତି

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା,
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ରାଜ୍ୟରେ ଶିଳ୍ପ ଦୁର୍ଘଟଣାର ଅନୁଶୀଳନ କରାଯିବ : ମନ୍ତ୍ରୀ

**ଭୁବନେଶ୍ୱର, ୧୯/୧ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ଥିବା କଳ କାରଖାନାଗୁଡ଼ିକରେ ଗତବର୍ଷ କେତେ ଦୁର୍ଘଟଣା ଘଟିଛି ତାହାର ଅନୁଶୀଳନ କରିବେ ସରକାର । ଶୁକ୍ରବାର ଶ୍ରମ ଓ ଇଏସ୍‌ଆଇ ମନ୍ତ୍ରୀ ଶାରଦା ନାୟକ ଏହି ସୂଚନା ଦେଇଛନ୍ତି । ଇଣ୍ଡିଆନ ଚାମ୍ବର ଅଫ୍ କମର୍ସ (ଆଇସିସି) ଓଡ଼ିଶା ପକ୍ଷରୁ କାରଖାନା ଓ ବାଷ୍ପିତ ନିର୍ଦ୍ଦେଶାଳୟ ସହଯୋଗରେ ଆୟୋଜିତ ଶିଳ୍ପ ସୁରକ୍ଷା ଓ ବୃତ୍ତିଗତ ସ୍ୱାସ୍ଥ୍ୟ ସମ୍ପର୍କିତ ସମ୍ମିଳନୀକୁ ସମ୍ବୋଧିତ କରି ସେ କହିଛନ୍ତି ଯେ ସରକାରଙ୍କ ପାଇଁ ପ୍ରତିଟି ଜୀବନ ମୂଲ୍ୟବାନ । ଶିଳ୍ପ କାରଖାନାରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ସୁରକ୍ଷାକୁ ନିଶ୍ଚିତ କରିବା ଲାଗି ନିୟମିତ ବ୍ୟବଧାନରେ କାରଖାନା ପରିଦର୍ଶନ କରାଯାଉଛି । ସେମାନେ ଗ୍ରହଣ କରିଥିବା ନିରାପତ୍ତା ବ୍ୟବସ୍ଥାର ଯାଞ୍ଚ କରାଯାଉଛି । ସବୁ ସୁରକ୍ଷା ଉପକରଣ ରହିଛି କି ନାହିଁ ତାହା ମଧ୍ୟ ଦେଖାଯାଉଛି । ଗତବର୍ଷ ହୋଇଥିବା ଦୁର୍ଘଟଣାକୁ ଅନୁଶୀଳନ କରିବା ପରେ ଆଉ କ'ଣ ନୂଆ ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ବିଷୟରେ ବିଚାର କରାଯିବ । ଶୂନ ମୃତ୍ୟୁ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି । ଏହି ଅବସରରେ ଫ୍ୟାକ୍ଟ୍ରି ଓ ବଏଲରର ନିର୍ଦ୍ଦେଶକ ଅନୁପମ ଶାହ, ଆଇସିସି ଓଡ଼ିଶାର ଅଧ୍ୟକ୍ଷ ଜେ.ବି. ପାଣି, ଶ୍ରମ ଓ ଇଏସ୍‌ଆଇ ସଚିବ ସନ୍ଥନାଗୋପାଳନ୍ ଆର, ଫ୍ୟାକ୍ଟ୍ରି ଓ ବଏଲର ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଡ. ମଳୟ କୁମାର ପ୍ରଧାନ ଓ ଅନ୍ୟମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ୧୫୦ରୁ ଅଧିକ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ।

# ଶିମିଳିପାଳରୁ ୨୩ ଦେଶୀ ବନ୍ଧୁକ ଜବତ : ଆକ୍ସନ ମୋଡରେ ପୋଲିସ

**ବାରିପଦା,୧୯।୧ ନ୍ୟୁଜ ବ୍ୟୁରୋ**
ମୟୂରଭଞ୍ଜ ଜିଲ୍ଲା ଶିମିଳିପାଳ ଅଭୟାରଣ୍ୟ ପାଦଦେଶ ଅଞ୍ଚଳରୁ ୨୩ଟି ଦେଶୀ ବନ୍ଧୁକ ଜବତ ହୋଇଛି । ତୃତୀୟ ପର୍ଯ୍ୟାୟରେ ଜିଲ୍ଲା ପୋଲିସ ନଭେମ୍ବର ଓ ଡିସେମ୍ବରରେ ସର୍ଚ୍ଚ ଅପରେଶନ କରି ଉକ୍ତ ବନ୍ଧୁକ ଜବତ କରିଛି । ଏନେଇ ବାରିପଦାସ୍ଥିତ ଜିଲ୍ଲା ପୋଲିସ ମୁଖ୍ୟାଳୟରେ ଶୁକ୍ରବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏସ୍ ସୁଶ୍ରୀ ସୂଚନା ଦେଇଛନ୍ତି । ଶିମିଳିପାଳ ସଂଲଗ୍ନ ୯ଟି ଥାନା ଅଧୀନରେ ଥିବା ଗାଁଗୁଡ଼ିକରୁ ପୁଣି ୨୩ଟି ଦେଶୀବନ୍ଧୁକ ଜବତ ହୋଇଛି । ଏନେଇ ୧୪ଟି ମାମଲା ରୁଜୁ କରିବା



ସହିତ ୮ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ସେଥିମଧ୍ୟରୁ ବାରିପଦା ସଦର ଥାନା, ଶରତ ଥାନା, କରଞ୍ଜିଆ ଥାନା, ଯଶୀପୁର ଥାନା ଓ ଠାକୁରମୁଣ୍ଡା ଥାନା ପୋଲିସ ଗୋଟିଏ ଲେଖାଏ ବନ୍ଧୁକ ଜବତ କରିଛି । ସେହିପରି ବଡ଼ସାହି ଥାନା ୩ଟି, ଉଦଳା ଥାନା ୫ଟି, ଖୁଣ୍ଟା ଥାନା ୮ଟି ଓ କପ୍ତିପଦା ଥାନା ପୋଲିସ ୨ଟି ଦେଶୀ ବନ୍ଧୁକ ଜବତ କରିଛି । ଶିମିଳିପାଳ ଅଭୟାରଣ୍ୟରେ ଦୁଇ ବନ କର୍ମଚାରୀଙ୍କ ମୃତ୍ୟୁ ପରେ ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ ଆରମ୍ଭ ହୋଇଥିଲା । ଶିମିଳିପାଳ ସୁରକ୍ଷା ଅଭିଯାନରେ ମୟୂରଭଞ୍ଜ ପୋଲିସ ପକ୍ଷରୁ ଶିକାରୀମାନଙ୍କୁ ବନ୍ଧୁକ ସମର୍ପଣ କରିବା ପାଇଁ ନିବେଦନ କରାଯାଇଥିଲା । ଏଥିପାଇଁ ସ୍ୱତନ୍ତ୍ର ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଶିମିଳିପାଳ ସୁରକ୍ଷା ପାଇଁ ଏବେ ଜଏଣ୍ଟ ଟାସ୍କ ଫୋର୍ସ ଗଠନ କରାଯାଇ ସୁରକ୍ଷା ଦାୟିତ୍ୱରେ ନିୟୋଜିତ ରହିଛନ୍ତି । ଶିମିଳିପାଳ ଅଭୟାରଣ୍ୟର ସଂଲଗ୍ନ ଗ୍ରାମରୁ ସର୍ଚ୍ଚ ଅପରେଶନ ଯୋଗେ ବେଆଇନ ବନ୍ଧୁକ ଜବତ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ୧୬୫ଟି ବନ୍ଧୁକ ଏବଂ ଦ୍ୱିତୀୟ ପର୍ଯ୍ୟାୟରେ ୭୧ଟି ବନ୍ଧୁକ ଜବତ ହୋଇଥିଲା । ପୁଣି ତୃତୀୟ ପର୍ଯ୍ୟାୟରେ ୨୩ଟି ଦେଶୀବନ୍ଧୁକ ଜବତ ହୋଇଛି । ତେବେ ଶିକାରୀ ଓ ଶିକାରରେ ଜଡ଼ିତ ରହୁଥିବା ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ପ୍ରାଣୀପ୍ରେମୀମାନେ ଦାବି କରିଛନ୍ତି । ବେଆଇନ ବନ୍ଧୁକ କାରବାରକୁ ରୋକିବାରେ ବଡ ସଫଳତା ମିଳିଛି । ଶିକାରିମାନେ ଜଙ୍ଗଲରେ ଥିବା ପଶୁ ଓ ପକ୍ଷୀଙ୍କୁ ମାରି ବେଆଇନ ଚାଲାଣ କରୁଛନ୍ତି । ଏବେ ଏହିପରି ବେଆଇନ କାରବାରକୁ ରୋକ୍ ଲଗାଇବା ପ୍ରଶାସନ ପାଇଁ ଚ୍ୟାଲେଞ୍ଜ ରହିଛି ।

# ସମଲେଇ ମନ୍ଦିର ପ୍ରକଳ୍ପ ଲୋକାର୍ପଣ ପାଇଁ ମା'ଶାରଳାଙ୍କୁ ନିମନ୍ତ୍ରଣ



**ଜଗତସିଂହପୁର, ୧୯/୧ ନ୍ୟୁଜ ବ୍ୟୁରୋ**
ଜଗତସିଂହପୁରର ଅଧିଷ୍ଠାତ୍ରୀ ଦେବୀ ମା' ଶାରଳା ମନ୍ଦିରକୁ ସମଲେଇ ମନ୍ଦିର ପ୍ରକଳ୍ପର ଲୋକାର୍ପଣ ଉତ୍ସବ ନିମିତ୍ତ ନିମନ୍ତ୍ରଣ ପତ୍ର ନେଇ ଆସିଛନ୍ତି ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡ । ଏହି ନିମନ୍ତ୍ରଣ ପର୍ବ ନିମନ୍ତେ ଜିଲ୍ଲା ସଂସ୍କୃତି ଅଧିକାରୀ, ସମ୍ବଲପୁର, ଫକୀର ମୋହନ ମାଝୀ, ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ଟ୍ରଷ୍ଟୀ ସନ୍ତୋଷ ପୃଷ୍ଟେଠ, ମା' ସମଲେଶ୍ୱରୀ ମନ୍ଦିରର ସେବାୟତ ସଙ୍କୀର୍ତ୍ତନ ରାୟ ନଡ଼ିଆ, ଅରୁଆଚାଉଳ, ଗୁଆ, ମା'ଙ୍କ ପ୍ରସାଦ ସହ ନିମନ୍ତ୍ରଣ ପତ୍ର ନେଇ ମା'ଶାରଳାଙ୍କ ମନ୍ଦିରରେ ପହଞ୍ଚିଥିଲେ । ସେଠାରେ ମା' ଶାରଳାଙ୍କ ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବଡ ପଣ୍ଡା ରଞ୍ଜନ କୁମାର ପଣ୍ଡା, ପରିଛା ସୁଦାମ ଚରଣ ପଣ୍ଡା, ସେବାୟତ ବିଶ୍ୱନାଥ ରାଉଳ, ତ୍ରିଲୋଚନ ରାଉଳ, ଚନ୍ଦନ ରାଉଳ, ସିପୁନ୍ ରାଉଳ ପ୍ରମୁଖ ଘଣ୍ଟ ହରିବୋଲ ସହ ସେମାନଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନାରେ ମା'ଙ୍କ ନିକଟକୁ ପାଛୋଟି ନେଇଥିଲେ । ଆସିଥିବା ଅତିଥିମାନେ ଆଣିଥିବା ଗୁଆ, ନଡ଼ିଆ ଓ ନିମନ୍ତ୍ରଣ ପତ୍ର ଦେଇ ମା'ଶାରଳାଙ୍କୁ ଆସନ୍ତା ୨୭ ତାରିଖରେ ହେବାକୁ ଥିବା ଲୋକାର୍ପଣ ଉତ୍ସବ ନିମନ୍ତେ ନିମନ୍ତ୍ରଣ କରିଥିଲେ ଏବଂ ଶେଷରେ ପ୍ରସାଦ ସେବନ କରି ମା'ଙ୍କ ଆଶୀର୍ବାଦ ନେଇ ଫେରିଥିଲେ । ଏହି ଭବ୍ୟ ନିମନ୍ତ୍ରଣ ପର୍ବ ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସଂସ୍କୃତି ଅଧିକାରୀ ଦିଲ୍ଲୀପ କୁମାର ଜେନା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀମତୀ ପ୍ରତିଟୀ ତନୟା ମହାନ୍ତି ଉପସ୍ଥିତ ରହି କାର୍ଯ୍ୟରେ ସହଯୋଗ କରିଥିଲେ ।

# କୋଇଲା ବ୍ୟବସାୟୀଙ୍କ ଘର ଓ ଶିକ୍ଷାନୁଷ୍ଠାନରେ ଆୟକର ବିଭାଗର ଚଢ଼ଉ



**ସୁନ୍ଦରଗଡ଼, ୧୯/୧ ନ୍ୟୁଜ ବ୍ୟୁରୋ**
ଆୟକର ଠକେଇ ଅଭିଯୋଗରେ ଜଣାଶୁଣା କୋଇଲା ବ୍ୟବସାୟୀ ଶିଳ୍ପପତି ଘନଶ୍ୟାମ ଡାଲମିଆ ଓରଫ ବଣ୍ଟି ଡାଲମିଆଙ୍କ ୧୦ଟି ଠିକଣାରେ କେନ୍ଦ୍ରୀୟ ଆୟକର ବିଭାଗ ଚଢ଼ଉ ଜାରି ରଖିଛି । ଦ୍ୱିତୀୟ ଦିନରେ ବି ଓଡ଼ିଶା ଓ ଛତିଶଗଡ଼ର ବିଭିନ୍ନ ସ୍ଥାନରେ ଶହେରୁ ଅଧିକ ଅଧିକାରୀ ଯାଞ୍ଚ ଚଳାଇଥିବାବେଳେ ଟିମ୍ ହାତରେ ବହୁ ମୂଲ୍ୟବାନ ଦସ୍ତାବିଜ ଓ ନଗଦ ଟଙ୍କା ଲାଗିଥିବା କୁହାଯାଉଛି । ଆୟକର ବିଭାଗର ଏହା ବଡ଼ ଧରଣର ଚଢ଼ଉ ହୋଇଥିବାବେଳେ ବଣ୍ଟିଙ୍କ ବିପୁଳ ଆୟକର ଠକେଇ ସାମ୍ନାକୁ ଆସିପାରେ ବୋଲି ଚର୍ଚ୍ଚା ହେଉଛି ।
ବଣ୍ଟି ଡାଲମିଆ ସୁନ୍ଦରଗଡ଼ ଓ ଛତିଶଗଡର୍ ରାୟଗଡ଼ ଅଞ୍ଚଳର ବିଶିଷ୍ଟ କୋଇଲା ବ୍ୟବସାୟୀ । ତାଙ୍କର ଛତିଶଗଡ଼, ଓଡ଼ିଶା, ମୁମ୍ବାଇ, ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରେ ବହୁ ଶିକ୍ଷାନୁଷ୍ଠାନ, କାରଖାନା, କୋଇଲା ବ୍ୟବସାୟ ସହ ହୋଟେଲ ରହିଛି । କେନ୍ଦ୍ରୀୟ ସୁରକ୍ଷା ବଳ ସହ ରାଉରକେଲା, ସମ୍ବଲପୁର, ଭୁବନେଶ୍ୱର, ଛତିଶଗଡ଼ ଓ ମହାରାଷ୍ଟ୍ରର ୧୦ ଜଣିଆ ଟିମ୍ ବଣ୍ଟି ଡାଲମିଆଙ୍କ ଗୋପାଳପୁରରେ ଥିବା ତାଙ୍କ ଦୁଇ ମହଲା କୋଠା, କାର୍ଯ୍ୟାଳୟ, ବିଲେଇମୁଣ୍ଡାର ଘର, ସୋ'ରୁମ, ସ୍ପଞ୍ଜ ଆଇରନ ଫାକ୍ଟ୍ରି, କାର୍ଯ୍ୟାଳୟ, ଏମସିଏଲ୍ କୋଇଲା ପରିବହନ ସାଇଟ୍, ଛତିଶଗଡ଼ ରାୟଗଡ଼ର ଆଇରନ, ଷ୍ଟିଲ ଓ ପାୱାର ପ୍ଲାଣ୍ଟ ଫାକ୍ଟ୍ରି, ଘର, ରାୟପୁର ଘର, କାର୍ଯ୍ୟାଳୟ, ବିଳାସପୁର ହୋଟେଲ ସହ ତାଙ୍କ ବଡ଼ ଭାଇ ବାବୁଲୁ ଡାଲମିଆଙ୍କ ରାଉରକେଲା ସିଭିଲଟାଉନସିପ ସ୍ଥିତ ଘର, ବରପାଲି ସ୍ଥିତ ଫାକ୍ଟ୍ରିରେ ଚଢ଼ଉ କରିଥିଲେ । ଅନେକ କାର୍ଯ୍ୟାଳୟ, ଘରକୁ ସିଲ୍ କରିବା ସହ ମ୍ୟାନେଜର, କର୍ମଚାରୀମାନଙ୍କୁ ଅଟକ ରଖିଥିବା ଓ ମୋବାଇଲ୍ ଜବତ କରି ନେଇଥିବା ସୂଚନା ମିଳିଛି ।



ରବିବାସରୀୟ କଳିକା
ପର୍ଯ୍ୟଟକଙ୍କୁ ତୃପ୍ତି ଦେଉଛି 'ତୃପ୍ତିସଫାରୀ'

## ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ । ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ ।
ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

## ୨୮ କୋଟି ବ୍ୟୟରେ ନେତାଜୀ ସ୍ମାରକୀ ପୀଠ

# ନିର୍ମାଣ କାର୍ଯ୍ୟ ତଦାରଖ କଲେ ମେୟର ଓ କମିଶନର

**କଟକ, ୧୯/୧ ନ୍ୟୁଜ ବ୍ୟୁରୋ**
ରାଜ୍ୟରେ ରୂପାନ୍ତରଣ ପର୍ବ ଜୋରଦାର ଚାଲିଥିଲା ବେଳେ ଏଥିରେ କଟକ ସହର ମଧ୍ୟ ସାମିଲ ରହିଛି । କଟକ ନେତାଜୀ ବସ୍ ଟର୍ମିନାଲ, ଚଣ୍ଡୀମନ୍ଦିର ନବୀକରଣ ଓ ଏସସିବି ଏମ୍ସ ପ୍ଲସ କାର୍ଯ୍ୟ ଚାଲିଥିବା ବେଳେ ଏବେ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟ ନିକଟରେ ୨୮ କୋଟି ଟଙ୍କା ବ୍ୟୟରେ ନେତାଜୀ ସ୍ମାରକୀ ପୀଠ (ନେତାଜୀ ମେମୋରିଆଲ କମ୍ପ୍ଲେକ୍ସ) କାର୍ଯ୍ୟ ଆଗେଇ ଚାଲିଛି । ସିଏମସି ମେୟର ସୁବାସ ଚନ୍ଦ୍ର ସିଂହ ଓ ସିଡିଏ ଉପାଧ୍ୟକ୍ଷ ତଥା ସିଏମସି କମିଶନର ନିଖିଲ ପଥ୍ୱନ କଲ୍ୟାଣ ଏହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରିବା ସହ କାର୍ଯ୍ୟର ତଦାରଖ କରିଛନ୍ତି । ଫେବୃୟାରୀ ସୁଦ୍ଧା କାର୍ଯ୍ୟ ଶେଷ ପାଇଁ ଉପସ୍ଥିତ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ଉଭୟେ ନିର୍ଦ୍ଦେଶ ଦେଇଛନ୍ତି । ନେତାଜୀ ଜନ୍ମ ପୀଠ ସଂଗ୍ରହାଳୟ ଓ ଐତିହ୍ୟ



ସଂପନ୍ନ ପୁରୁଣା ଜେଲ୍ ପରିସର ଯେପରି ପର୍ଯ୍ୟଟକମାନଙ୍କୁ ଆକୃଷ୍ଟ କରିବ ସେଥିପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ନିକଟରେ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯିବା ସହ ୨୮ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଏହାର କାର୍ଯ୍ୟ ନ୍ୟାସନାଲ ପ୍ରୋଜେକ୍ଟ କନଷ୍ଟ୍ରକ୍ସନ କର୍ପୋରେସନ (ଏନପିସିସି)କୁ ଦିଆଯାଇଥିଲା । ନେତାଜୀ ସ୍ମାରକୀ ପୀଠ ପରିସରରେ ଶିଶୁ ଉଦ୍ୟାନ, ଯୋଗ କେନ୍ଦ୍ର, ଫୁଡ୍ କୋର୍ଟ, ପାର୍କିଂ ସ୍ଥଳ, ଶୌଚାଳୟ, ପୁଷ୍କରିଣୀ, ବାଖ୍ୟାନ କେନ୍ଦ୍ର ସହ ନେତାଜୀଙ୍କ ଜୀବନୀକୁ ନେଇ ଏକାଧିକ ନିର୍ମାଣ କାର୍ଯ୍ୟ କରାଯିବ । ନେତାଜୀ ସ୍ମାରକୀ ପୀଠର ପ୍ରବେଶ ପଥକୁ ଅଧିକ ଆକର୍ଷିତ କରାଯିବା ସହ ରଙ୍ଗବେରଙ୍ଗ ଆଲୋକ ସଜ୍ଜା, ନେତାଜୀଙ୍କ ଜୀବନୀ ଉପରେ ଲେଜର ସୋ' ପ୍ରଦର୍ଶିତ କରାଯିବ । ଯୋଗକେନ୍ଦ୍ରରେ ନେତାଜୀଙ୍କ ଦୈନନ୍ଦିନ କାର୍ଯ୍ୟ ସହ ଧାର୍ମିକ ଭାବ ଉପରେ ଆଧାରିତ କାର୍ଯ୍ୟକ୍ରମ ଦେଖିବାକୁ ମିଳିବ । ବିଶେଷକରି ଡିସପ୍ଲେ ସେଣ୍ଟରକୁ ଅଧିକ ଆକର୍ଷଣୀୟ କରାଯିବ, ଯେଉଁଠାରେ ଦର୍ଶକ ତାଙ୍କର ପ୍ରତିମୂର୍ତ୍ତି ଦେଖିପାରିବେ। ସେହିପରି ନେତାଜୀଙ୍କ ଏକାଧିକ ଭାଷଣରୁ ଆରମ୍ଭ କରି ଦ୍ୱିତୀୟ ବିଶ୍ୱଯୁଦ୍ଧ ଓ ସ୍ୱାଧୀନତା ସଂଗ୍ରାମ ସଂକ୍ରାନ୍ତୀୟ ଅଡିଓ ଭିଡିଓ ଚାଲିବ । ସେହିଭଳି ଆଜାଦ୍ ହିନ୍ଦ୍ ଫୌଜର ଇତିହାସ ସଂପର୍କରେ ଦର୍ଶକମାନଙ୍କ ପାଇଁ ଅଡିଓ ଏବଂ ଫଟୋ ପ୍ରଦର୍ଶନ କରାଯିବ । ବିଶେଷକରି ପୁରୁଣା ଜେଲର ବାହାର ଅଂଶକୁ ମରାମତି କରାଯାଇଥିଲା ବେଳେ ଭିତର ପଟକୁ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ପୂର୍ବବତ୍ ରଖାଯାଇଛି । ଗଙ୍ଗା ମନ୍ଦିର ପୋଖରୀକୁ ନୂଆ ରୂପ ଦିଆଯାଇ ନେତାଜୀ ବାଖ୍ୟାନ କେନ୍ଦ୍ର ସହ ପ୍ରକଳ୍ପର ପ୍ରାୟ ୮୦ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା ବେଳେ ଲ୍ୟାଣ୍ଡ ସ୍କେପିଙ୍ଗ୍, ଉଦ୍ୟାନ ଓ ଚଲାପଥର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଜାରି ରହିଛି । ଏହି ସ୍ମାରକୀ ପୀଠରେ ନେତାଜୀଙ୍କ ଚିନ୍ତା, ଭାବନା ଓ ଆତ୍ମାକୁ ପର୍ଯ୍ୟଟକମାନେ ଅନୁଭବ କରିପାରିବେ । ଏହି ପରିଦର୍ଶନ ବେଳେ ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ, କର୍ପୋରେଟର ମହମ୍ମଦ ଇଫତ୍‌କାର ଆଲମ, ଏନପିସିସିର ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମେୟର ଶ୍ରୀ ସିଂହ ଓ କମିଶନର ଶ୍ରୀ କଲ୍ୟାଣ ନେତାଜୀ ଜନ୍ମ ସ୍ଥାନ ସଂଗ୍ରହାଳୟ ବୁଲି ଦେଖିଥିଲେ ।

## ସ୍ପେଶାଲ ସ୍କ୍ୱାର୍ଡ ପଞ୍ଝାରେ ଗ୍ୟାଙ୍ଗଷ୍ଟର ସକିଲ୍ ଓ ସହଯୋଗୀ

**କଟକ, ୧୯/୦୧ ନ୍ୟୁଜ ବ୍ୟୁରୋ**
ସ୍ପେଶାଲ ସ୍କ୍ୱାଡ ପଞ୍ଝାରେ ଗ୍ୟାଙ୍ଗଷ୍ଟର ସକିଲ୍ । କମିଶନରେଟ୍ ପୋଲିସ ସକିଲ ସମେତ ଚାରି ସହଯୋଗୀଙ୍କୁ ଉଠାଇଛି । କଟକ ସଦର ଥାନା ଅଞ୍ଚଳରୁ ସକିଲ ଓ ତା'ର ସହଯୋଗୀଙ୍କୁ କାବୁ କରିଛି ପୋଲିସ । ସୂଚନା ଅନୁଯାୟୀ, ମଙ୍ଗଳବାର ଦିନ ସକିଲ ଓ ତା'ର ସହଯୋଗୀ ନେତାଜୀ ସେତୁ ନିକଟରେ ଯାଉଥିବା ସମୟରେ ଚଢଉ କରିଥିଲା ପୋଲିସ । ଆଉ ଏହି ଚଢଉରେ ସକିଲ ସହ ତା'ର ୪ ସହଯୋଗୀଙ୍କୁ ଉଠାଇ ନେଇଥିଲା ପୋଲିସ । ଏହି ଚଢଉ ପରେ ସକିଲ ନିକଟରୁ ବନ୍ଧୁକ-ଗୁଳି ମଧ୍ୟ ଜବତ ହୋଇଛି । ପୂର୍ବରୁ ସକିଲ ନାଁରେ ହତ୍ୟା ଏବଂ ଦାଦା ବଟି ଭଳି ବହୁ ଅପରାଧିକ ମାମଲା ରହିଛି ।